# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA


ପେଟ୍ରୋଲ୍ ପଲିଟିକ୍ସ

ଶିକ୍ଷା ମାଫିଆ ଭାରି ଭୟଙ୍କର

ଅରିନ୍ଦମଙ୍କ ନୂଆ ସିନେମା- 'ବାବୁ ସାବଧାନ'

ତୈଳ ସଙ୍କଟକୁ ନେଇ ରାଜା ସ୍ୱାଇଁଙ୍କ ଆଲେଖ୍ୟ

ଶେଷରେ ହକ୍ ପାଇଲେ ଭିଡି ସତୀଶନ୍

ସାଗର ଦାସଙ୍କ ସହ ସାକ୍ଷାତକାର

ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ


PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-26 18 MAY - 24 MAY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୨୬ ୧୮ ମେ - ୨୪ ମେ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର







ଗର୍ବିତ ଓଡ଼ିଆ




# ଶିକ୍ଷା ମାଫିଆ ଭାରି ଭୟଙ୍କର

ଆଜିକାଲି ପଲ୍ଲୀରୁ ଦିଲ୍ଲୀ ଯାଏଁ ମାଫିଆ ରାଜ୍ ଚାଲିଛି କହିଲେ ଭୁଲ୍ ହେବନାହିଁ। ସତେଯେମିତି ମାଫିଆଙ୍କ ଚାରିପଟେ ଦେଶର ରାଜନୀତି ଘୂରି ବୁଲୁଛି। ବାଲି ମାଫିଆ, ପଥର ମାଫିଆ, ଖଣି ମାଫିଆ, ଚାକିରୀ ମାଫିଆ, ତେଲ ମାଫିଆ, ମିଡ଼ିଆ ମାଫିଆ, ଶିକ୍ଷା ମାଫିଆ, ଟେଣ୍ଡର ମାଫିଆ... ଏମିତି ଅନେକ। କାଗଜ ସରିଯିବ ହେଲେ ମାଫିଆଙ୍କ ପ୍ରକାର ଭେଦ ସରିବନି। ଏଇସବୁ ମାଫିଆଙ୍କ ଭିତରୁ ସବୁଠାରୁ ବେଶୀ ଭୟଙ୍କର ହେଉଛନ୍ତି ଶିକ୍ଷା ମାଫିଆ। ଏଇ ବେପାରରେ ନିବେଶ କମ୍, କିନ୍ତୁ ଲାଭ ଅଧିକ। ଇଏ ତ ଗଲା ବେପାରର କଥା। ହେଲେ ଶିକ୍ଷା ମାଫିଆମାନଙ୍କୁ ହତ୍ୟାକାରୀ କହିଲେ ବି ଭୁଲ୍ ହେବନି। ସେମାନେ ସିନା ବନ୍ଧୁକ, ଭୁଜାଲି କି ବୋମା ଧରି ମର୍ଡ଼ର କରୁନାହାନ୍ତି, କିନ୍ତୁ ଲକ୍ଷ ଲକ୍ଷ ମେଧାହତ୍ୟା କରୁଛନ୍ତି। ଏଇ ଦେଖୁନାହାନ୍ତି, ନିକଟରେ ନିଟ୍ ପ୍ରଶ୍ନପତ୍ର ଲିକ୍ ହେଲା। ଏ ପ୍ରଶ୍ନପତ୍ର ଲିକ୍ ଅଭିଭାବକ କି ପିଲାମାନେ କରିନାହାନ୍ତି। କିଛି ଶିକ୍ଷା ମାଫିଆ ମୋଟା ଟଙ୍କା ଖର୍ଚ୍ଚ କରି ପ୍ରଶ୍ନ ଲିକ୍ କରିଛନ୍ତି। ନିଜ ଶିକ୍ଷାନୁଷ୍ଠାନର ପତିଆରା, ପ୍ରତିଷ୍ଠା ବଢ଼ାଇବାକୁ ପ୍ରଶ୍ନପତ୍ର ଲିକ୍‌କୁ ସେମାନେ ପରମ୍ପରାରେ ପରିଣତ କରିଦେଇଛନ୍ତି। ହେଲେ ନିଜ ଶିକ୍ଷାନୁଷ୍ଠାନର ଅଳ୍ପ କେଇ ହଜାର ପିଲାଙ୍କ ସ୍ୱାର୍ଥ ପାଇଁ ସେମାନେ ଲକ୍ଷ ଲକ୍ଷ ପିଲା ଏବଂ ଅଭିଭାବକଙ୍କ ଭାଗ୍ୟ, ଭବିଷ୍ୟତ ଓ କର୍ମ ସହ ଖେଳ ଖେଳୁଛନ୍ତି। ଏମାନଙ୍କୁ ସାବାଡ଼ କରିବା ଦରକାର। ଏଭଳି ଘୃଣ୍ୟ କାମ କରୁଥିବା ଶିକ୍ଷା ମାଫିଆଙ୍କୁ ସାଉଦି ଷ୍ଟାଇଲରେ ଓଲଟା ଲଟକେଇ ଦଣ୍ଡ ଦେବାର ଆବଶ୍ୟକତା ରହିଛି। ଖାଲି ପ୍ରଶ୍ନପତ୍ର ଲିକ୍ ନୁହେଁ, କୋଟି କୋଟି ଟଙ୍କା ଦେଲେ ଏହି ମାଫିଆମାନେ ଇଞ୍ଜିନିୟର ଓ ଡାକ୍ତରୀ ସାର୍ଟିଫିକେଟ୍ ବି ଦେଉଛନ୍ତି। ଥରେ ଭାବିଲେ, ଟଙ୍କା ଦେଇ ଇଞ୍ଜିନିୟରିଂ ପାଶ୍ କରିଥିବା ପିଲାଟା ଯେତେବେଳେ ବ୍ରିଜ୍ କାମ କରିବ ସେଇଟା ଭୁଷୁଡ଼ିବ କି ନାହିଁ। ଟଙ୍କା ଦେଇ ଡାକ୍ତର ହୋଇଥିବା ପିଲାଟା ରୋଗୀକୁ ମାରିଦେବ କି ନାହିଁ। ଅତଏବ ଶିକ୍ଷା ମାଫିଆଙ୍କ ଏଭଳି କୁତ୍ସିତ ଓ ଘୃଣ୍ୟ କାମ, ଆମ ଦେଶ ପାଇଁ ବଡ଼ ବିପଦ କହିଲେ ଅତ୍ୟୁକ୍ତି ହେବନି।

ନିଟ୍ ପ୍ରଶ୍ନ ଲିକ୍ ଘଟଣା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅକଳରେ ପକାଇଦେଇଛି। ମୋଦି ବି ମାଫିଆଙ୍କ ଉପରେ ରାଗିପାଚି ଲାଲ। ମାଫିଆଙ୍କୁ ଛଡ଼ାଯିବନି, କଡ଼ା କାର୍ଯ୍ୟାନୁଷ୍ଠାନ ହେବବୋଲି ଧର୍ମେନ୍ଦ୍ର କହିଛନ୍ତି। ହେଲେ ଧର୍ମେନ୍ଦ୍ର କହିଥିବା କଥା ରଖି, କିଭଳି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

> ନିଜ ଶିକ୍ଷାନୁଷ୍ଠାନର ଅଳ୍ପ କେଇ ହଜାର ପିଲାଙ୍କ ସ୍ୱାର୍ଥ ପାଇଁ ଲକ୍ଷ ଲକ୍ଷ ପିଲା ଏବଂ ଅଭିଭାବକଙ୍କ ଭାଗ୍ୟ, ଭବିଷ୍ୟତ ଓ କର୍ମ ସହ ଖେଳ ଖେଳୁଥିବା ଶିକ୍ଷା ମାଫିଆଙ୍କୁ ସାଉଦି ଷ୍ଟାଇଲରେ ଓଲଟା ଲଟକେଇ ଦଣ୍ଡ ଦେବାର ଆବଶ୍ୟକତା ରହିଛି।

# ଓଡ଼ିଶା ରାଜନୀତି ଓ ରୀତା ସିଂ

ଆଜିକାଲି ପ୍ରଭାକରନଙ୍କୁ ନେଇ ଯେମିତି ରାଜନୀତିରେ ଚର୍ଚ୍ଚା ହେଉଛି, ଦିନେ ଓଡ଼ିଶା ରାଜନୀତିରେ ରୀତା ସିଂଙ୍କୁ ନେଇ ସେମିତି ଚର୍ଚ୍ଚା ହେଉଥିଲା। ପଞ୍ଜାବରେ ସେ କ୍ଷୀର ବ୍ୟବସାୟ କରୁଥିଲେ। ସେହି ସମୟରେ ବିଜୁବାବୁ ଇସ୍ପାତ କାରଖାନା ପାଇଁ ବ୍ୟଗ୍ର ଥିଲେ। ତାହାର ସୁଯୋଗରେ ସ୍ୱାମୀ ଜେକେ ସିଂଙ୍କ ସହ ଆସି ସେ ବିଜୁବାବୁଙ୍କୁ ଭେଟି ମିଡ଼ଇଷ୍ଟ ଷ୍ଟିଲ କମ୍ପାନୀ (ମେସ୍କୋ) ନାମରେ କମ୍ପାନୀ ଗଢ଼ିଥିଲେ। ବିଜୁବାବୁଙ୍କ ସ୍ୱପ୍ନ ପୂରଣ କରିଥିବାରୁ ରୀତା ସିଂଙ୍କ କାଟତି ବଢ଼ି ଯାଇଥିଲା। ଜମି, ଜଳ, ବିଜୁଳି ସବୁ କିଛି ମେସ୍କୋକୁ ଯୋଗାଇ ଦିଆଗଲା। ଏମିତିକି କମ୍ପାନୀ ଯାହା ଚାହୁଁଥିଲା ବିଜୁଙ୍କ ସରକାର ସବୁଦେବାରେ କାର୍ପଣ୍ୟ ପ୍ରକାଶ କରୁନଥିଲେ। ଯାଜପୁରର ଦାନଗଦି ଅଞ୍ଚଳରେ ମେସ୍କୋ କମ୍ପାନୀର କୋଠାବାଡ଼ି ବି ତିଆରି ହେଲା। ହେଲେ ଦୀର୍ଘଦିନ ଧରି କମ୍ପାନୀ କିନ୍ତୁ ଉତ୍ପାଦନକ୍ଷମ ହୋଇପାରିନଥିଲା।



୧୯୯୦ ଦଶକରେ ରୀତା ସିଂ ଭାରତୀୟ ଶିଳ୍ପ ଜଗତରେ ବି ପ୍ରାଧାନ୍ୟ ବିସ୍ତାର କରିଥିଲେ। ଏମିତିକି ସେ ସମୟରେ ମହିଳା ଉଦ୍ୟୋଗୀଙ୍କ ମଧ୍ୟରେ ସେ ବେଶ୍ ପ୍ରତିଷ୍ଠା ଅର୍ଜନ କରିଥିଲେ। ଓଡ଼ିଶାରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଏମଓୟୁ କରିବା ଫଳରେ ସେ ଶିଳ୍ପ ଜଗତରେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ପରେପରେ ଜୋତା, ଔଷଧ, ଜାହାଜ, ବିମାନ ଆଦି ବ୍ୟବସାୟ କ୍ଷେତ୍ରରେ ପ୍ରବେଶ କରି ବେଶ୍ ସଫଳ ହୋଇଥିଲେ।




## ବାବା ଅବ୍‌ଜର୍ଭାନନ୍ଦ

ପେଟ୍ରୋଲ ଗ୍ୟାସ ଦର ବଢୁଥିଲା
କିଛି ବର୍ଷ ପୂର୍ବେ ଯେବେ,
ସବୁଜ ପତାକା ଉଡ଼ାଇ ରାସ୍ତାରେ
ଗର୍ଜୁଥିଲ ତୁମେ ସେବେ।

ମହାନଦୀ ପାଇଁ କେତେ ଯେ ଧାରଣା
କରୁଥିଲ ଆନ୍ଦୋଳନ,
ଦୁଇ ବର୍ଷ ହେଲା କ'ଣ ପାଇଁକି
ଫିକା ପଡ଼ିଗଲା ସ୍ୱପ୍ନ ?

ଡବଲ ଇଞ୍ଜିନ ଡବଲ ଯନ୍ତ୍ରଣା
କହିଲେଣି ରାଜ୍ୟବାସୀ,
ଶଙ୍ଖ ଭବନରେ କେବଳ ପ୍ରବକ୍ତା
ଗପ କହୁଛନ୍ତି ଆସି ।

ସାମାଜିକ ଗଣମାଧ୍ୟମେ କେବଳ
ଲେଖୁଛନ୍ତି ଦଳପତି,
ଅନ୍ୟ ବଡ଼ ନେତା କାହିଁକି ମଉନେ
ବସିଛନ୍ତି ମୁହଁ ପୋତି ?

କହୁଥିଲ ପରା ଦଳ ତୁମ କାଳେ
ଓଡ଼ିଶା ଲୋକଙ୍କ ବଳ,
ବିରୋଧ କରିବା ଭୁଲିଲ କେମିତି
ପ୍ରସଙ୍ଗ ଯେ ମାଳମାଳ ?

ଦଳଛଡା ସବୁ ପ୍ରତିଦିନ ଦେଖ
ଦିଅନ୍ତି କେମିତି କେଞ୍ଚି,
କର୍ମୀ ସବୁ ଏବେ ସନ୍ଦେହ କଲେଣି
ବିଜେଡି ଅଛି ତ ବଞ୍ଚି !




ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।



# ପେଟ୍ରୋଲ ପଲିଟିକ୍ସ

ଆଜ୍ଞା ବିନା ତେଲରେ ରୋଷେଇ ପଛେ ହୋଇଯିବ, ହେଲେ ରାଜନୀତି ଅସମ୍ଭବ । ରାଜନୀତି କରିବାକୁ ହେଲେ ତେଲ ମାରିବାକୁ ପଡ଼େ ଆଉ ତେଲ ପୋଡ଼ିବାକୁ ପଡ଼େ । ମାନେ ରାଜନୀତିରେ ଉଠିବାକୁ ହେଲେ ଆପଣଙ୍କୁ କାହାର ନା କାହାର ଅନ୍ଧ ସମର୍ଥକ ଓ ଅନୁଗତ ହେବାକୁ ପଡ଼ିବ । ଆଉ ସଂଗଠନ ମଜବୁତ୍ ପାଇଁ ନିତି ତେଲ ପୋଡ଼ି ଧାଇଁବାକୁ ପଡ଼ିବ। ଖାଲି ସେତିକିନୁହେଁ ଆଜ୍ଞା ଦେଶ ଓ ରାଜ୍ୟ ରାଜନୀତିରେ ପେଟ୍ରୋଲ ବି ନିଆଁ ଲଗାଇଥାଏ । ସରକାର ବି ହଲାପଟା ହୁଅନ୍ତି । ମନମୋହନ ସରକାର ଅମଳରେ ତେଲ ଦରକୁ ନେଇ ବିଜେପି ସାରା ଦେଶରେ ଓ ରାଜ୍ୟରେ ଆନ୍ଦୋଳନ କରିଥିଲା । ଏବେ ମୋଦି ସରକାରଙ୍କ ଅମଳରେ ବି ବିରୋଧୀ ପେଟ୍ରୋଲ ଓ ଡିଜେଲକୁ ନେଇ ରାଜନୀତି କରୁଛନ୍ତି ।

## ତେଲ ଦି'ଶହ ହେଲେବି କିଣିବୁ

ଉପା ସରକାର ଅମଳରେ ତେଲ ୭୦ ଛୁଇଁଲା ବୋଲି ବିଜେପି ନେତା ଓ କାର୍ଯ୍ୟକର୍ତ୍ତାମାନେ ଡିଆଁଡେଇଁ କରୁଥିଲେ । ବଡ଼ବଡ଼ ନେତାମାନେ ଗ୍ୟାସ ମୁଣ୍ଡେଇ, ତେଲ ଜାରକିନ୍ ଧରି, ସାଇକେଲ ଚଳାଇ ପ୍ରତିବାଦ କରୁଥିଲେ । ଏବେ କିନ୍ତୁ ବିଜେପି କାର୍ଯ୍ୟକର୍ତ୍ତାମାନେ କହୁଛନ୍ତି ଦେଶ ପାଇଁ ତେଲ ଦି' ଶହ ହେଲେବି କିଣିବୁ । ହଉ ଦେଶପ୍ରେମ ଜାଗ୍ରତ ହେବା ଭଲ କଥା । କିନ୍ତୁ ସାଧାରଣ ଲୋକଙ୍କ ଉପରେ ଏଇ ବୋଝ ନଲଦି ବିଜେପି ନେତା ଓ କାର୍ଯ୍ୟକର୍ତ୍ତାମାନେ ବୋଝ ମୁଣ୍ଡେଇଲେ କେମିତି ହୁଅନ୍ତା ? ଦେଶପ୍ରେମୀଙ୍କ ପାଇଁ ସରକାର ସ୍ୱତନ୍ତ୍ର ଭାବେ 'ଦେଶପ୍ରେମୀ' ଟାଙ୍କି କରି ଦେଢ଼ଶ' ଟଙ୍କାରେ ତେଲ ଦେଲେ ଭଲହୁଅନ୍ତା । କିଛିନହେଲେ ଦେଶର ଋଣଭାର, ଆର୍ଥିକ ଚାପ ତ କମିଯାଆନ୍ତା ।

## ତେଲ ସଂକଟ ପାଇଁ ପୂଜାର୍ଚ୍ଚନା

ଆମ ଦେଶର ରାଜନୀତି ଅତି ବିଚିତ୍ର । ବିରୋଧୀମାନେ ଭଲଭାବେ ଜାଣିଛନ୍ତି ଇରାନ୍ ଓ ଆମେରିକା ଯୁଦ୍ଧ ପାଇଁ କିଭଳି ତୈଳ ସଂକଟ ସ୍ଥିତି ସୃଷ୍ଟିହୋଇଛି । ଖାଲି ଭାରତ ନୁହେଁ ବିଶ୍ୱର ଅନେକ ଦେଶ ବି ଏଭଳି ସଂକଟର ସାମ୍ନା କରିଛି । ଗରିବ ଦେଶଙ୍କ ସ୍ଥିତି ନକହିଲେ ଭଲ । କିନ୍ତୁ ମୋଦି ସରକାରଙ୍କୁ ପାନେ ଦେବାପାଇଁ ତେଲ ସଂକଟ ହେବା ଜରୁରୀ ବୋଲି ବିରୋଧୀ ଅନୁଭବ କରୁଛନ୍ତି । ସୋସିଆଲ ମିଡ଼ିଆରେ ସେମାନଙ୍କ ଟିପ୍ପଣୀରୁ ଏହା ବେଶ୍ ସ୍ପଷ୍ଟ ହୋଇଯାଉଛି । ସତେଯେମିତି ବିରୋଧୀ ନେତାମାନେ ତେଲ ସଂକଟ ପାଇଁ ପୂଜାର୍ଚ୍ଚନା କରି ମନେମନେ ଠାକୁରଙ୍କୁ ଡାକୁଛନ୍ତି; ହେ, ପ୍ରଭୂ ତେଲ ଦର ବଢୁ, ତେଲ ନମିଳୁ, ମୋଦି କିଳା ନିଅନ୍ତୁ । ଆଜ୍ଞା ଏମିତି ମନୋଭାବରେ ଦେଶ ଚାଲେ କି ?

## 'ମୋ ଗାଡ଼ି ଗଡୁଥାଉ, ପଡ଼ିଶା ଗାଡ଼ି ଘରେ ଥାଉ'

ଆମ ଦେଶର ଲୋକମାନେ ସଂକଟ ଆସିଲେ କେତେ ବିଚଳିତ ଓ ବିବ୍ରତ ହୋଇପଡ଼ନ୍ତି ତା' ଉପରେ ଏକ ଗବେଷଣା ହେବା କଥା । ପାଣିପାଗ ବିଭାଗ ଯଦି କହିଦିଏ, ଚାରି ପାଞ୍ଚ ଦିନ ଭିତରେ ବାତ୍ୟା ଆସିବ । ବାସ୍, ଲୋକେ ଘର ଛାଡ଼ି ବଜାରକୁ ପଳାନ୍ତି । ସାତ ଦିନ ଯାଗାରେ ଦି ଚାରିମାସର ସଉଦା କିଣିବାକୁ ଗହଳି ଲଗାନ୍ତି । ସେଇ ମଉକାରେ ମୁନାଫାଖୋର ବେପାରୀ ଓର ଉଣ୍ଡି କୃତ୍ରିମ ଅଭାବ ଦେଖାଇ ଲୁଟିଚାଲେ । ଏବେ ସେମିତି, ପେଟ୍ରୋଲ ଓ ଡିଜେଲ ସରିଯିବ ବୋଲି ଟାଙ୍କିରେ ଗାଡ଼ି ଲମ୍ବିଚାଲିଲା । ହେଲେ ଆଜ୍ଞା ଥରେ ଭାବିଲେ ଦେଖି, ଯଦି ପେଟ୍ରୋଲ ଓ ଡିଜେଲ ଦେଶରେ ନମିଳିବ ଅଖଚକ ସବୁ ବନ୍ଦ ହୋଇଯିବ । କର୍ଫ୍ୟୁ ଭଳି ସଟର ବନ୍ଦ, ରାସ୍ତା ବନ୍ଦ ହୋଇଯିବ । ଆପଣ ଗାଡ଼ିଟା ଧରି କ'ଣଟା କରିବେ ? ଯାହା ହେବ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ । ଏତେ ବିକଳ ପଣ କାହିଁକି ଆଜ୍ଞା ? ବେଳେବେଳେ ଲାଗେ ଯଦି ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକ ଦି ତିନି ଶହ କିଲୋମିଟର ବାଟ ହୋଇଥାଆନ୍ତା ଦଳେ ଯାଇ ସେଠି ପାଲଟାଣି ରହିଯାଆନ୍ତେ ।

# ଅଏଲ ବଣ୍ଡ ଓ ସବସିଡ଼ି ରାଜନୀତି

ଭାରତବର୍ଷରେ ତେଲ ଦରକୁ ସବୁବେଳେ ନିୟନ୍ତ୍ରଣରେ ରଖାଯାଇଆସୁଛି । ୨୦୦୨ରେ ବାଜପେୟୀ ସରକାର ତୈଳ ବଣ୍ଡର ପ୍ରଚଳନ କରିଥିଲେ । କମ୍ ଦାମରେ ତୈଳ ବିକ୍ରି ପାଇଁ ସରକାର ସେମାନଙ୍କୁ ଅର୍ଥ ବି ପ୍ରଦାନ କରୁଥିଲେ । ୨୦୦୮ ବେଳକୁ ଉପା ସରକାର ଏହାକୁ ଆହୁରି ସମ୍ପ୍ରସାରଣ କରିଥିଲେ । କିନ୍ତୁ ଦୀର୍ଘମିଆଦୀ ଭାବେ ଏହି ତୈଳ ବଣ୍ଡକୁ ନେଇ ଭାରତରେ ରାଜନୀତିକ ବିତର୍କ ଆରମ୍ଭ ହୋଇଥିଲା ।

## ଔପନିବେଶିକ ଯୁଗ

### ୧୮୭୦ରୁ ୧୯୪୭

୧୮୬୭ରେ ଭାରତରେ ପେଟ୍ରୋଲିୟମର ଯୁଗ ଆରମ୍ଭ ହେଲା । ଆସାମର ଦିଗବୋଇ ଠାରେ ପ୍ରଥମ ତୈଳ କୂପ ଖନନ ହୋଇଥିଲା । ସେ ସମୟରେ ପେଟ୍ରୋଲିୟମ୍ ଶିଳ୍ପ ବର୍ମା ଅଏଲ କମ୍ପାନୀ ଦ୍ୱାରା ପରିଚାଳିତ ହେଉଥିଲା । ବିଶ୍ୱଯୁଦ୍ଧ ବେଳେ ବ୍ରିଟିଶ ପ୍ରଶାସନ ଉତ୍ତର ପୂର୍ବ ଭାରତୀୟ ତୈଳ ଉତ୍ସକୁ ବ୍ରିଟିଶର ସମ୍ପତ୍ତି ବୋଲି ଦର୍ଶାଇବା ସହ ଏହି ତୈଳସବୁ ବ୍ରିଟିଶ ମିଲିଟାରୀ ପାଇଁ ବ୍ୟବହାର କରାଯାଇଥିଲା । ସେ ସମୟରେ ସ୍ଥାନୀୟ ଭିତ୍ତିଭୂମିର ବିକାଶ ଦିଗରେ ଧ୍ୟାନ ଦିଆଯାଇନଥିଲା ।

## ସୋଭିଏତ ଋଷର ଭୂମିକା ଓ ଜାତୀୟ ସମ୍ପତ୍ତି

### ୧୯୫୦ରୁ ୧୯୭୦ ଦଶକ

କେଶବ ଦେବ ମାଲବୀୟ ହେଉଛନ୍ତି ଭାରତୀୟ ତୈଳର ପିତା । ସ୍ୱାଧୀନତା ପରେ ମାଲବୀୟ ତୈଳକୁ ଜାତୀୟ ସମ୍ପତ୍ତି ବୋଲି ଘୋଷଣା କରି ପାଶ୍ଚାତ୍ୟ କର୍ପୋରେଟ୍‌ର ଆଧିପତ୍ୟକୁ ଶେଷ କରିଥିଲେ । ୧୯୫୬ରେ କେନ୍ଦ୍ର ସରକାର ଶିଳ୍ପ ନୀତି ଆଣି ତେଲକୁ ନିୟନ୍ତ୍ରଣ କରିଥିଲେ । ୧୯୫୬ରେ ଅଏଲ ଆଣ୍ଡ ନାଚୁରାଲ ଗ୍ୟାସ କମିଶନ (ଓଏନଜିସି) ଓ ୧୯୫୯ରେ ଇଣ୍ଡିଆନ୍ ଅଏଲ କର୍ପୋରେସନ୍ (ଆଇଓସିଏ) ପ୍ରତିଷ୍ଠା କରିଥିଲେ । ସୋଭିଏତ ଋଷର ସହଯୋଗକୁ ବି ଭାରତ ଭୁଲି ପାରିବନି । ୧୯୭୦ ଦଶକରେ ଋଷର ପ୍ରଯୁକ୍ତି ବ୍ୟବହାର କରି ଋଷ ଓ ଭାରତର ବିଶେଷଜ୍ଞମାନେ ବମ୍ବେ ହାଇ ଅଫସୋର ଫିଲ୍ଡର ଆବିଷ୍କାର କରିଥିଲେ ।

## ଉଦାରୀକରଣ ଓ ତୈଳ ଉତ୍ତୋଳନ

### ୧୯୯୦ ଦଶକର ୨୦୦୦ ପ୍ରଥମ ଦଶନ୍ଧି

ଆର୍ଥିକ ସଂକଟ ପାଇଁ ଭାରତର ଏହାର ସୁରକ୍ଷିତ ହାଇଡ୍ରୋକାର୍ବନ କ୍ଷେତ୍ରକୁ ବେସରକାରୀ ଓ ବୈଦେଶିକ ନିବେଶକଙ୍କ ପାଇଁ ଉନ୍ମୁକ୍ତ କରିଥିଲା । ୧୯୯୦ ଦଶକର ଶେଷ ଆଡକୁ ଏନଇଏଲପିର ଶୁଭାରମ୍ଭ ହୋଇଥିଲା । ରିଲିୟାନ୍ସ ଇଣ୍ଡଷ୍ଟ୍ରିଜ୍ ଭଳି ଅନେକ କର୍ପୋରେଟ୍ କ୍ଷେତ୍ର ତୈଳ ଉତ୍ତୋଳନ ବ୍ୟବସାୟରେ ପୁଞ୍ଜିନିବେଶ କରିଥିଲେ । ୧୯୯୦ର ଗଲ୍ଫ ଯୁଦ୍ଧ ପାଇଁ ଭାରତ ସରକାର ଏଭଳି ପଦକ୍ଷେପ ନେଇଥିଲେ ।

## ଉପା ସରକାର ଦେଇଥିଲେ ୧.୩୪ ଲକ୍ଷ କୋଟିର ଅଏଲ ବଣ୍ଡ

ଉପା ସରକାର ଅମଳରେ ତୈଳ ଦର ବୃଦ୍ଧିକୁ ଏକ ପ୍ରମୁଖ ପ୍ରସଙ୍ଗ କରିଥିଲା ଏନଡ଼ିଏ । ଉପା ସରକାର ୧.୩୪ ଲକ୍ଷ କୋଟିର ତୈଳ ବଣ୍ଡ ପ୍ରଦାନ କରିଥିଲେ । ଅବଶ୍ୟ ସେତେବେଳେ ଅଶୋଧିତ ତୈଳ ଦର ବେଶ୍ ଉଚ୍ଚା ଥିଲା । ଉପା-୨ ସରକାର ଅମଳରେ ଲଗାତର ୩ ବର୍ଷ ଧରି ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ଟପି ଯାଇଥିଲା । ଏମିତିକି ଗୋଟିଏ ସମୟରେ ତାହା ୧୪୬ ଡଲାରରେ ପହଁଚି ଯାଇଥିଲା । ଯେଉଁଥିପାଇଁ ୨୦୦୪ରେ ପେଟ୍ରୋଲ ଲିଟର ୩୫ ଟଙ୍କା ଥିବାବେଳେ ୨୦୧୪ ବେଳକୁ ତାହା ୭୦ରେ ପହଁଚିଥିଲା ।

୨୦୦୨ରେ ବାଜପେୟୀ ସରକାରଙ୍କ ଅମଳରେ ଆରବିଆଇ ୯ ହଜାର କୋଟିର ଅଏଲ ବଣ୍ଡ ଇସ୍ୟୁ କରିଥିଲେ । ତେବେ ୨୦୦୯-୧୦ରୁ ୨୦୧୩-୧୪ ମଧ୍ୟରେ ଉପା ସରକାର ଅଏଲ ବଣ୍ଡର ସୁଧ ବାବଦରେ ୫୩୧୬୩ କୋଟି ଟଙ୍କା ଦେଇଥିଲେ ବୋଲି ତଥ୍ୟ ପ୍ରଦାନ କରିଥିଲେ । ୨୦୨୧ରେ କଂଗ୍ରେସ ନେତା ବୀରପ୍ପା ମୋଇଲି କହିଥିଲେଯେ, ଉପା ସରକାର ଅମଳରେ ହୋଇଥିବା ଅଏଲ ବଣ୍ଡକୁ ଆଳ ଦେଖାଇ ଅଶୋଧିତ ତୈଳ ଦର ହ୍ରାସ ସତ୍ତ୍ୱେ ପେଟ୍ରୋଲିୟମ ସାମଗ୍ରୀର ଦର ଏନଡ଼ିଏ ସରକାର କମାଇନାହାନ୍ତି । କିନ୍ତୁ ବାସ୍ତବରେ ୨୦୨୧ ବେଳକୁ କେନ୍ଦ୍ର ସରକାର ଅଏଲ ବଣ୍ଡର ମାତ୍ର ୩୫୦୦ କୋଟି ଟଙ୍କାର ମୂଳ ପ୍ରଦାନ କରିଥିବାବେଳେ ୨୦୨୧-୨୨ରେ ୧୦ ହଜାର କୋଟି, ୨୦୨୩-୨୪ରେ ୩୧୧୫୦ କୋଟି, ୨୦୨୪-୨୫ରେ ୫୩୮୭୦ କୋଟି ଓ ୨୦୨୫-୨୬ରେ ୩୬୯୧୩ କୋଟିର ମୂଳଧନ ପଇଠ ପାଇଁ ମୋଦି ସରକାର ଯୋଜନା କରିଥିଲେ । ଅପରପକ୍ଷରେ କୃତ୍ରିମ ଭାବେ ତୈଳ ଦର କମାଇବାକୁ ଏଭଳି ଲକ୍ଷ ଲକ୍ଷ କୋଟିର ବଣ୍ଡ ଇସ୍ୟୁ କରାଯାଇଥିଲା ବୋଲି ଏନଡ଼ିଏ ସରକାର କହିଥିଲେ ।



## ୪୦ ଟଙ୍କାରେ ମିଳିବ ପେଟ୍ରୋଲ୍

ଉପା ସରକାରଙ୍କ ବିରୋଧରେ ବାବା ରାମଦେବ ନିତିଦିନ ବର୍ଷୁଥିଲେ । ମୋଦିଙ୍କ ନେତୃତ୍ୱକୁ ସେ ପସନ୍ଦ କରୁଥିଲେ । ୨୦୧୪ ନିର୍ବାଚନ ସରିବା ପରେ ରାମଦେବ ବାବା କହିଥିଲେ କଳାଧନ ଭାରତକୁ ଫେରିଆସିଲେ ପେଟ୍ରୋଲ ଲିଟର ୩୦ରୁ ୪୦ ଟଙ୍କାରେ ମିଳିବ । ୨୦୧୮ ସେପ୍ଟେମ୍ବରରେ ରାମଦେବ କହିଥିଲେ, ଯଦି ସରକାର ମୋତେ ଅନୁମତି ଦିଅନ୍ତି ଓ ଟିକସରେ ରିହାତି ଦିଅନ୍ତି ତେବେ ସେ ୩୫ରୁ ୪୦ ଟଙ୍କାରେ ପେଟ୍ରୋଲ ଦେଇପାରିବେ । ଅବଶ୍ୟ ଏହା ପରଠାରୁ ରାମଦେବ ବାବା ଏହି ପ୍ରଶ୍ନ ଶୁଣିଲେ ଛିଟିକି ଯାଉଛନ୍ତି ।

## ୩ ଲକ୍ଷ କୋଟି ଶୁଝିଲେ ମୋଦି ସରକାର

ବିଗତ ବର୍ଷମାନଙ୍କରେ ଅଏଲ ବଣ୍ଡର ସୁଧ ମୂଳ ଶୁଝି ଚାଲିଥିଲେ ମୋଦି ସରକାର । ଯେଉଁଥିପାଇଁ ଅଶୋଧିତ ତୈଳ ଦର କମିଥିଲେବି ଦର କିନ୍ତୁ ଅପରିବର୍ତ୍ତିତ ରହିଥିଲା । ୨୦୨୬ ମାର୍ଚ୍ଚରେ କେନ୍ଦ୍ର ସରକାର ଅଏଲ ବଣ୍ଡର ସୁଧ ମୂଳ ବାବଦରେ ସବୁ ଅର୍ଥ ପଇଠ କରିଛନ୍ତି ବୋଲି ଦାବି କରିଥିଲେ । ଏବାବଦରେ ମୋଟ୍ ଉପରେ ୩.୨୩ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

## ବାଜପେୟୀଙ୍କ ବଳଦ ଗାଡ଼ି

୧୯୭୩ରେ କେନ୍ଦ୍ର ସରକାର ପେଟ୍ରୋଲ ଲିଟର ପିଛା ଦର ୭ ପଇସା ବୃଦ୍ଧି କରିଥିଲେ । କିରୋସିନ୍ ଦର ବି ବଢ଼ିଥିଲା । ସେହି ସମୟରେ ବିରୋଧୀ ଦଳରେ ଥିବା ଅଟଳ ବିହାରୀ ବାଜପେୟୀ ବଳଦ ଗାଡ଼ିରେ ବସି ସଂସଦକୁ ଆସିଥିଲେ । ବାଜପେୟୀଙ୍କ ଏଭଳି ଅଭିନବ ପ୍ରତିବାଦ ସେତେବେଳେ ଚର୍ଚ୍ଚା ସୃଷ୍ଟି କରିଥିଲା ।

## ବାହନ ଶବଯାତ୍ରା

୨୦୧୩ ବେଳକୁ ବାରମ୍ବାର ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଉଥିଲା । ଉପା ସରକାରଙ୍କ ବିରୋଧରେ ଏହାକୁ ବଡ଼ ପ୍ରସଙ୍ଗ କରିଥିଲା ବିଜେପି । ବିଜେପି ଓ ବାମପନ୍ଥୀ ଦଳଗୁଡ଼ିକ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ । ସେହି ସମୟରେ ବିଜୟୱାଡ଼ାରେ ବାହନ ଶବଯାତ୍ରା ହୋଇଥିଲା । ମୋଟର ସାଇକେଲକୁ ଶବ ଭାବେ ସଜାଇ ପ୍ରଦର୍ଶିତ କରାଯାଇଥିଲା । ତେଲ ଦର ବୃଦ୍ଧି ଯୋଗୁଁ କିଭଳି ମୋଟର ସାଇକେଲ ମରିଯାଇଛି ତାହା ଦର୍ଶାଯାଇଥିଲା ।

## ସାଇକେଲ ଶୋଭାଯାତ୍ରା

୨୦୨୧ରେ ଉତ୍ତରପ୍ରଦେଶରେ ଅଖିଳେଶ ଯାଦବ ଓ ୨୦୧୧ରେ ବାଙ୍ଗାଲୋରରେ ଭାଟାଲ ନାଗରାଜ ବିଶାଳ ସାଇକେଲ ଶୋଭାଯାତ୍ରା କରି ତେଲ ଦର ବୃଦ୍ଧିକୁ ବିରୋଧ କରିଥିଲେ । ୨୦୨୧ରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳର ସାଂସଦମାନେ ସଂସଦକୁ ସାଇକେଲ ମାର୍ଚ୍ଚ କରିଥିଲେ । କର୍ଣ୍ଣାଟକ, ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼ରେ ବି ବିଧାୟକମାନେ ତେଲ ଦର ବୃଦ୍ଧି ପ୍ରତିବାଦରେ ସାଇକେଲରେ ବିଧାନସଭାକୁ ଆସିବାର ନଜିର ରହିଛି ।

# କୃତ୍ରିମ ପେଟ୍ରୋଲ ଡିଜେଲ ସଙ୍କଟ ପାଇଁ ଦାୟୀ କିଏ



**ରଣେନ୍ଦ୍ର ପ୍ରତାପ ସ୍ବାଇଁ**

> ସରକାର ଏହି କୃତ୍ରିମ ସଙ୍କଟକୁ ଯେତେବେଳେ ପ୍ରଥମ ଦିନରେ ଜାଣିଲେ ସରକାର ତଦନ୍ତ କଲେନାହିଁ କାହିଁକି ? ଆଜି କାଲି internet ଓ on-line ଯୁଗରେ ଦଶ ମିନିଟରେ supply ଓ demand ସ୍ଥିତି ଜଣାପଡିଯିବ। ତେଣୁ, ଯଦି କୌଣସି ପେଟ୍ରୋଲ ପମ୍ପ dry out ହୋଇଗଲା ତେବେ, ତୁରନ୍ତ ଜଣାପଡିଯିବ। ଏ କଥା ଯୋଗାଣ ମନ୍ତ୍ରୀ ଏବଂ ତାଙ୍କ ବିଭାଗ ଜାଣି ପାରିଲେ ନାହିଁ କାହିଁକି? ନା ନିଜେ ସେ ଏଇ ସଙ୍କଟ ଚାହୁଁ ଥିଲେ, ନା ଆଉ କାହାର ପ୍ରରୋଚନାରେ...

ମୁଁ ବହୁତ ପୂର୍ବରୁ, ଅର୍ଥାତ୍ ଗତ ବିଧାନସଭାରେ ମାର୍ଚ୍ଚ ୩୧ ତାରିଖ ଦିନ ରାଜ୍ୟର ବଜେଟ ପାରିତ କରିବା ଅବସରରେ ମୋ ଅଭିଭାଷଣରେ ଚେତାଇ ଦେଇଥିଲି ଯେ ପାଞ୍ଚଟି ରାଜ୍ୟରେ ନିର୍ବାଚନ ସରିଯିବା ପରେ କେନ୍ଦ୍ର ସରକାର ତେଲ ଓ ଗ୍ୟାସ ଦର ବୃଦ୍ଧି କରିବେ।

ଏହି ଆଶଙ୍କାକୁ ସତ ବୋଲି ପ୍ରମାଣିତ କରି ନିର୍ବାଚନ ଖତମ, ଭୋଟ ହଜମ କରିବା ପରେ ପେଟ୍ରୋଲ, ଡିଜେଲ, ସିଏନଜି, ଏଲପିଜି ଦରରେ ବୃଦ୍ଧି କରିଛନ୍ତି। ବ୍ୟବସାୟିକ ସିଲିଣ୍ଡର ଦାମରେ ଐତିହାସିକ ଏକା ଥରକେ ୫୦ ପ୍ରତିଶତ ବୃଦ୍ଧି କରିଲେ।

ଆମେ ଯେତେବେଳେ ଏହି ସଙ୍କଟ ବିଷୟରେ କହୁଥିଲୁ ମହାମାନବ ମାନନୀୟ ପ୍ରଧାନମନ୍ତ୍ରୀ କହୁଥିଲେ ଦେଶରେ କୌଣସି ପ୍ରକାର ସଙ୍କଟ ନାହିଁ, 'ସବୁ ଚଙ୍ଗା ସି'। କିନ୍ତୁ, ନିର୍ବାଚନ ସରିବା ପରେ ହଠାତ ତାଙ୍କର ହେତୁ ଆସିଲା ଯେ ଦେଶରେ ସଙ୍କଟ ଘନେଇ ଆସୁଛି ଏବଂ ଏହି ସଙ୍କଟରୁ ବଞ୍ଚାଇବାକୁ ହେଲେ ସରକାର ନୁହେଁ, ଲୋକଙ୍କୁ ବଳିଦାନ ଦେବାକୁ ପଡିବ। ଏହି ବଳିଦାନ ସ୍ୱରୂପ ଆଜି ଆଉଥରେ CNG ଦରରେ କେଜି ପିଛା ୧ ଟଙ୍କା ବୃଦ୍ଧି କରିଛନ୍ତି। ପେଟ୍ରୋଲ ଓ ଡିଜେଲର ଦର ଲିଟର୍ ପିଛା ୩ଟଙ୍କା ବଢ଼ିଛି ଓ ଆଗାମୀ ଦିନରେ ଆହୁରି ବଢ଼ିବ।

କିନ୍ତୁ, ଏହା ଭିତରେ ଆମ ଓଡିଶା ରାଜ୍ୟରେ ଆଉ ଏକ କୌତୁହଳ ଓ ମଜାଳିଆ ଘଟଣା ଘଟିଯାଇଛି। ଯାହା ଫଳରେ ସାରା ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ସଙ୍କଟ ଯୋଗୁଁ ଲକ୍ଷ ଲକ୍ଷ ଲୋକେ ଘଣ୍ଟା ଘଣ୍ଟା ଧରି ପେଟ୍ରୋଲ ପମ୍ପ ସମ୍ମୁଖରେ ଧାଡି ଲଗେଇ ପେଟ୍ରୋଲ ଡିଜେଲ ଟିକେ ପାଇବା ପାଇଁ ଉଦୁ ଉଦିଆ ଖରାରେ ଠିଆ ହେଉଛନ୍ତି। ଏହି କୃତ୍ରିମ ଅଭାବୀ କିଛି କାରଣ ଯୋଗୁଁ ହୋଇଛି।

ଏହି ସଙ୍କଟ କେବଳ ଓଡିଶାରେ ହିଁ ଦେଖା ଦେଇଥିଲା। ଯଦି ପ୍ରଧାନମନ୍ତ୍ରୀଙ୍କ ମିତବ୍ୟୟିତା ବାର୍ତ୍ତା ଯୋଗୁଁ ଏହି ସଙ୍କଟ ସୃଷ୍ଟି ହୋଇଥିଲା ତେବେ ତାହା ଅନ୍ୟ ରାଜ୍ୟରେ କାହିଁକି ଦେଖା ଦେଇ ନ ଥିଲା। କେବଳ ଓଡିଶାରେ କାହିଁକି ଯୋଗାଣ ସଙ୍କଟ ଦେଖା ଯାଇଥିଲା, ଅନ୍ୟ ରାଜ୍ୟରେ ନୁହେଁ।

ସରକାର କହୁଛନ୍ତି ଯେ ଏହା ଗୁଜବ ଯୋଗୁଁ ହେଲା, ତା ହେଲେ ସରକାର ତଦନ୍ତ କରିଛନ୍ତି କି ଏହି ଗୁଜବ କିଏ କେଉଁ ମାଧ୍ୟମରେ କଲା।

ଆହୁରି କୌତୁହଳର ବିଷୟ ହେଉଛି ଯେ ଠିକ୍ ଏହି, ସେହି ସମୟରେ NEET ପ୍ରଶ୍ନପତ୍ର ପ୍ରଘଟ ପାଇଁ ସାରା ଦେଶରେ ଆନ୍ଦୋଳନ ଓ ପ୍ରଦର୍ଶନ ଚାଲୁଅଛି। ଓଡିଶାରେ ବିଭିନ୍ନ ଦଳ, ସଂଗଠନ, ଛାତ୍ର ସଂଗଠନ ଆନ୍ଦୋଳନ କରୁଛନ୍ତି। ଏହି ଆନ୍ଦୋଳନରୁ ଧ୍ୟାନ ହଟାଇବାକୁ ଏହି କୃତ୍ରିମ ସଙ୍କଟ ସୃଷ୍ଟି କରାଯାଇ ନାହିଁ ତ ?

ଏହି ଧାରଣା ଲୋକେ କୁହାକୁହି ହେଉଛନ୍ତି ଯେ ଜଣେ ନିର୍ଦ୍ଦିଷ୍ଟ ମନ୍ତ୍ରୀ ଯିଏ ବର୍ତ୍ତମାନ NEET ପରୀକ୍ଷା ବିଭାଗ ସମ୍ଭାଳୁଛନ୍ତି, ଏବଂ ପୂର୍ବରୁ ଲମ୍ବା ସମୟ ଧରି ପେଟ୍ରୋଲିୟମ ମନ୍ତ୍ରଣାଳୟ ପଦ ସମ୍ଭାଳିଥିଲେ, ତାଙ୍କର କିଛି ଭୂମିକା ନାହିଁ ତ?

କାରଣ ଏଥିରେ ତାଙ୍କର ରାଜନୈତିକ ସ୍ୱାର୍ଥ ଅଛି ଏବଂ ସେ ସ୍ୱାର୍ଥ କ'ଣ ରାଜ୍ୟବାସୀ ସମସ୍ତେ ଜାଣିଛନ୍ତି। 'କାଉ ଖାଏ ପଣଷ, ବଗ ମୁଣ୍ଡରେ ଅଠା'।

ତେଣୁ, ମୋର ପ୍ରଶ୍ନ ହେଉଛି ସରକାର ଏହି କୃତ୍ରିମ ସଙ୍କଟକୁ ଯେତେବେଳ ପ୍ରଥମ ଦିନରେ ଜାଣିଲେ ସରକାର ତଦନ୍ତ କଲେନାହିଁ କାହିଁକି ? ଆଜି କାଲି internet ଓ on-line ଯୁଗରେ ଦଶ ମିନିଟରେ supply ଓ demand ସ୍ଥିତି ଜଣାପଡିଯିବ। ତେଣୁ, ଯଦି କୌଣସି ପେଟ୍ରୋଲ ପମ୍ପ dry out ହୋଇଗଲା ତେବେ, ତୁରନ୍ତ ଜଣାପଡିଯିବ। ଏ କଥା ଯୋଗାଣ ମନ୍ତ୍ରୀ ଏବଂ ତାଙ୍କ ବିଭାଗ ଜାଣି ପାରିଲେ ନାହିଁ କାହିଁକି? ନା ନିଜେ ସେ ଏଇ ସଙ୍କଟ ଚାହୁଁ ଥିଲେ, ନା ଆଉ କାହାର ପ୍ରରୋଚନାରେ ?

କୌତୁହଳର ବିଷୟ ଯେ କିଛି ପେଟ୍ରୋଲ ପମ୍ପରେ ଯଥେଷ୍ଟ ଷ୍ଟକ ମହଜୁଦ ଥିବା ପରେ ବି CLOSED ବୋର୍ଡ ମାଲିକମାନେ କାହିଁକି ଲଗେଇଥିଲେ? ଉଦାହରଣ କଟକର ଗୋଟିଏ ପେଟ୍ରୋଲ ପମ୍ପ। ଜିଲ୍ଲାପାଳ ଚଢାଉ କଲା ପରେ ଏହି ତଥ୍ୟ ପଦାକୁ ଆସିଥିଲା। ସେଇ ମାଲିକଙ୍କୁ କିଏ ଏହା କରିବା ପାଇଁ କହିଥିଲା। ସେହିପରି ଜଗତସିଂହପୁର ଜିଲ୍ଲାର ଏକ ପେଟ୍ରୋଲ ପମ୍ପରେ ଯଥେଷ୍ଟ ଷ୍ଟକ ମହଜୁଦ ଥିଲା ବେଳେ କୃତ୍ରିମ ଭାବେ ପ୍ରତି ଗାଡି ପାଇଁ ଷ୍ଟକ ଲିମିଟ ଲଗାଇଥିଲେ। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସେଠାରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

ଗଣମାଧ୍ୟମ ରିପୋର୍ଟ ଅନୁସାରେ ରାଜ୍ୟରେ ପ୍ରାୟ ୨୦୦ ରୁ ଅଧିକ ପେଟ୍ରୋଲ ପମ୍ପ dry out ହୋଇଥିଲା।

ଏହି ସଙ୍କଟ ହେଉଛି କୃତ୍ରିମ ଏବଂ ଜାଣିଶୁଣି କେବଳ ଓଡିଶାରେ ରାଜନୈତିକ ସ୍ୱାର୍ଥ ପାଇଁ କରାଯାଇଥିଲା। ଶାସକ ଦଳରେ ଗୋଷ୍ଠୀ କନ୍ଦଳ ଏବଂ ରାଜନୈତିକ ମହତ୍ତ୍ୱାକାଂକ୍ଷା ଯୋଗୁଁ ଲୋକେ ପ୍ରଚଣ୍ଡ ଖରାରେ ହନ୍ତସନ୍ତ ହେଲେ ଏବଂ ହେଉଛନ୍ତି।

ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ଦଳ ସବୁବେଳେ Gen Z କଥା କହି ଆସୁଛନ୍ତି। ମୁଁ ଦେଖିଲି ଯେ ଲାଇନରେ ଏହି Gen Z ପେଟ୍ରୋଲ ଟିକେ ପାଇଁ ଲମ୍ବା ଲାଇନରେ ଠିଆ ହୋଇ ଠିକ୍ ଏହି ପ୍ରଶ୍ନ ପଚାରୁଛନ୍ତି।




କେନ୍ଦ୍ର ସରକାରଙ୍କ ବିଫଳ ବୈଦେଶିକ ଓ ଆର୍ଥିକ ନୀତି ଯୋଗୁଁ ଆଗକୁ ପେଟ୍ରୋଲ ଓ ଡିଜେଲର ସଙ୍କଟ ସୃଷ୍ଟି ହେବାର ସମ୍ଭାବନା ଅଛି। କିନ୍ତୁ, ବର୍ତ୍ତମାନ ଯୋଗାଣରେ କିଛି ଅସୁବିଧା ନ ଥିବାରୁ କେବଳ ଓଡିଶାରେ ଯେଉଁ man-made ସଙ୍କଟ ସୃଷ୍ଟି କରାଗଲା ତାହାକୁ ସରକାର ତଦନ୍ତ କରନ୍ତୁ ଏବଂ ଯେଉଁମାନେ ଏହି ସଙ୍କଟ ସୃଷ୍ଟି କରିବା ପାଇଁ ସାହାଯ୍ୟ କଲେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଶାସକ ଦଳରେ ଗୋଷ୍ଠୀ କନ୍ଦଳ ପାଇଁ ଲୋକେ କାହିଁକି ବଳିଦାନ ଦେବେ। ଯଦି ଦେଶ ସଙ୍କଟରେ ଅଛି, ତେବେ ନାଗରିକ ମାନେ ନିଜ ନିଜର ଛୋଟ ବଡ ଅବଦାନ ଦେବାକୁ ପ୍ରସ୍ତୁତ, କିନ୍ତୁ, ଶାସକ ଦଳର କିଛି ମୁଷ୍ଟିମେୟ ନେତାଙ୍କ ସ୍ୱାର୍ଥ ସାଧନ ପାଇଁ ନୁହେଁ।

-ବିଧାୟକ ଆଠଗଡ

## ଜନ୍ମଦିନର ଅଭିନନ୍ଦନ

### ଅଶ୍ୱିନୀ କୁମାର ଷଡ଼ଙ୍ଗୀ
### ବିଧାୟକ, ବରଗଡ଼



୧୯୭୧ ମସିହା ମେ’ ୨୩ରେ ଜନ୍ମଗ୍ରହଣ କରିଥିଲେ ବରଗଡ଼ର ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ । ତାଙ୍କ ବାପାଙ୍କ ନାମ କମଳାକାନ୍ତ ଷଡ଼ଙ୍ଗୀ ଓ ମା’ଙ୍କ ନାମ ପୁଷ୍ପାଞ୍ଜଳୀ ଷଡ଼ଙ୍ଗୀ । ଏମକମ୍ ପଢ଼ିଥିବା ଶ୍ରୀ ଷଡ଼ଙ୍ଗୀ ଗତ ଦେଢ଼ ଦଶନ୍ଧି ଧରି ବରଗଡ଼ ବିଜେପିର ମଙ୍ଗ ଧରିଥିଲେ । ୨୦୧୪ରେ ସେ ନିର୍ବାଚନ ଲଢ଼ି ୩ ନମ୍ବର ସ୍ଥାନରେ ଥିବାବେଳେ ୨୦୧୯ ନିର୍ବାଚନରେ ଭଲ ଭୋଟ୍ ପାଇଥିଲେବି ଦୁଇ ନମ୍ବର ସ୍ଥାନରେ ଥିଲେ । ତେବେ ୨୦୨୪ରେ ତାଙ୍କର ବିଧାୟକ ହେବାର ସ୍ୱପ୍ନ ପୂରଣ ହୋଇଥିଲା । ଆଚାର୍ଯ୍ୟ ପରିବାରର ଗଡ଼ରେ ସେ ବାଜିମାତ୍ କରି ନିଜର ପତିଆରା ଜାହିର କରିବାରେ ସଫଳ ହୋଇଛନ୍ତି ।

### ସୁବାସିନୀ ଜେନା
### ବିଧାୟିକା, ବସ୍ତା



୧୯୬୬ ମସିହା ମେ’ ୨୪ରେ ଜନ୍ମଗ୍ରହଣ କରିଥିଲେ ବସ୍ତା ବିଧାୟିକା ସୁବାସିନୀ ଜେନା । ସ୍ୱାମୀ ରବୀନ୍ଦ୍ର ଜେନାଙ୍କ ଭଳି ସେ ମଧ୍ୟ ରାଜନୀତିରେ ବେଶ୍ ସକ୍ରିୟ । ବିଜେଡ଼ିରୁ ବହୁବାର ସେ ଟିକେଟ୍ ରେସରେ ଥିଲେବି ନିରାଶ ହୋଇଥିଲେ । କିନ୍ତୁ ୨୦୨୪ରେ ସେ ବିଜେଡ଼ି ଟିକେଟରେ ପ୍ରଥମ ଥର ପାଇଁ ବିଧାନସଭାକୁ ଆସିବାର ସୌଭାଗ୍ୟ ଲାଭ କରିଛନ୍ତି । ରାଜନୀତିରେ ଥାଇ ବି ସେ ସାହିତ୍ୟ ଓ ସମାଜସେବା ସହ ଜଡ଼ିତ ଥିଲେ । ବାଲେଶ୍ୱରର ଅନେକ ସାଂସ୍କୃତିକ ଓ ସାମାଜିକ ସଂଗଠନ ସହ ସେ ଜଡ଼ିତ ଥିବାବେଳେ ସାରସ୍ୱତ ପତ୍ରିକା ‘ରେବତୀ’ର ବି ସମ୍ପାଦିକା ରହିଛନ୍ତି ।

# ଅପରାଜିତା-ପ୍ରକାଶ ଭାଗବଣ୍ଟା ଛିଡିଲା

ଯାହାହେଉ, ଏତେଦିନ ପରେ ବେଗୁନିଆ-ବୋଲଗଡ଼ରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବିଜୁଳିଙ୍କ ଭିତରେ ଭାଗବଣ୍ଟା ଛିଡ଼ିଛି । ଏମାନଙ୍କ ଭାଗବଣ୍ଟା ଛିଡୁନଥିବାରୁ ମାସ ମାସ ଧରି ମଣ୍ଡଳ ସଭାପତି ନିଯୁକ୍ତି ହୋଇପାରୁନଥିଲା । କାର୍ଯ୍ୟକର୍ତ୍ତାମାନେ ଭାରି ଦହଗଞ୍ଜ ହେଉଥିଲେ । ସଂଗଠନ ବୃଦ୍ଧି ଅପେକ୍ଷା ଏବେବି ବେଗୁନିଆ-ବୋଲଗଡ଼ ବିଜେପିରେ ପତିଆରା ଲଢ଼େଇ ଜୋର୍ ଚାଲିଛି । ସେକଥା ତ ଆଲୋଚନା ହୋଇସାରିଛି ଆଉ ଆଗକୁ ବି ହେବ । ଏବେ ଟିକେ ନଜର ପକାଇଦେବା, କେଉଁ ମଣ୍ଡଳ ସଭାପତି କାହାର? ବେଗୁନିଆ ବିଜେପି ନେତାଙ୍କ ଠାରୁ ଆମେ ଯାହା ସୂଚନା ପାଇଛୁ, ଉତ୍ତର ବେଗୁନିଆ ମଣ୍ଡଳ ସଭାପତି ମନୋଜ ମହାପାତ୍ର ଓ ପାଞ୍ଚଗଡ଼ ମଣ୍ଡଳ ସଭାପତି ମିଥୁନ୍ ପାଇକରାୟ ହେଉଛନ୍ତି ପ୍ରକାଶ ବିଜୁଳିଙ୍କ ଘନିଷ୍ଠ ସହଯୋଗୀ । ମାନେ ୬ ମଣ୍ଡଳ ସଭାପତିଙ୍କ ମଧ୍ୟରୁ ପ୍ରକାଶଙ୍କ ଭାଗରେ ୨ ଜଣ ପଡ଼ିଛନ୍ତି । ସେପଟେ ମଧ୍ୟ ବେଗୁନିଆର ଜିତେନ୍ଦ୍ର ସାହୁ, ଦକ୍ଷିଣ ବେଗୁନିଆର ଲକ୍ଷ୍ମୀଧର ପାଟ୍ଟଶାଣୀ, ବୋଲଗଡ଼ର ଦିପୁନ୍ ବିଶ୍ୱାଳ ଓ ପିଚୁକୋଳିର ମଣ୍ଡଳ ସଭାପତି ଅରୁଣ କୁମାର ସାହୁ ହେଉଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅନୁଗତ । ମଣ୍ଡଳ ସଭାପତି ବାଣ୍ଟକୁଣ୍ଟ ହୋଇଛି ମାନେ, ଜିଲ୍ଲା ପରିଷଦ ଟିକେଟବି ବାଣ୍ଟକୁଣ୍ଟ ହେବା ନିଶ୍ଚିତ । ୨୦୨୭ ପଞ୍ଚାୟତ ନିର୍ବାଚନରେ ଅପରାଜିତା ୪ ଆଉ ପ୍ରକାଶ ୨ ଜିଲ୍ଲା ପରିଷଦ ପ୍ରାର୍ଥୀ ଦେବେ ବୋଲି କହିଲେ ଭୁଲ୍ ହେବନାହିଁ । ଯଦିଓ ଅପରାଜିତାଙ୍କ ଡାହାଣ



ହାତ ପାଲଟିଥିବା ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ବେଗୁନିଆ-ବୋଲଗଡ଼ରେ ସଂଗଠନ କରିବାକୁ ବାରଣ କରାଯାଇଛି, ତଥାପିବି ସେ ଏବେ ଗୁପ୍ତରେ ଗୋଟିଚାଳନା କରୁଛନ୍ତି । ତେଣୁ ଜଗଦ୍ଦେବଙ୍କ ହାତରେ ବି ଗୋଟେ ଦିଇଟା ଜିଲ୍ଲା ପରିଷଦ ଟିକେଟ୍ ପଡ଼ିବା ଥୟ । ସୂଚନାଯୋଗ୍ୟଯେ, ପୂର୍ବରୁ ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ଏବେକାର ରାଜ୍ୟ ବିଜେପି ଉପସଭାପତି ଯତୀନ ମହାନ୍ତି ମଧ୍ୟ ଗୋଟିଏ ତାଲିକା ଦେଇଥିଲେ ।

# ଅମରେନ୍ଦ୍ରଙ୍କ କଥା ଶୁଣୁନାହାନ୍ତି କି ଅଫିସର ?

ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏବେ ନିର୍ବାଚନମଣ୍ଡଳୀରେ ବେଶ୍ ଚର୍ଚ୍ଚାରେ ଅଛନ୍ତି । ଗୋଟିଏ ପଟେ ବିଜେପିର ଅଧିକାଂଶ ନେତାଙ୍କ ସହ ତାଙ୍କର ଭଲ ସମ୍ପର୍କ ନଥିବାବେଳେ ଟିକେଟିକେରେ ଅଫିସରଙ୍କ ଉପରେ ବି ଚିହିଁକି ଉଠୁଛନ୍ତି । ସତେଯେମିତି ଅମରେନ୍ଦ୍ରଙ୍କ କଥା ଅଫିସରମାନେ ଶୁଣୁନାହାନ୍ତି । ଯଦି ତାଙ୍କ କଥା ଅଫିସର, ଇଞ୍ଜିନିୟର ଶୁଣୁଥା’ନ୍ତେ ତାହେଲେ ଗାଳିମନ୍ଦର ଭିଡ଼ିଓକୁ ସେ ଭାଇରାଲ୍ କରୁନଥା’ନ୍ତେ ବୋଲି ଲୋକେ କହୁଛନ୍ତି । ଏଇ



ନିକଟରେ ଗଣମାଧ୍ୟମ ଓ ସାଧାରଣ ଜନତାଙ୍କ ଆଗରେ ସେ ଜଣେ ଯନ୍ତ୍ରୀଙ୍କୁ ଫୋନ୍ କରି ଗାଳି କଲେ । ଯେଉଁ ଭିଡ଼ିଓ ତାଙ୍କ ସମର୍ଥକ ଓ କିଛି ମିଡ଼ିଆ ଦ୍ୱାରା ସୋସିଆଲ ମିଡ଼ିଆରେ ପ୍ରସାରିତ ହୋଇଥିଲା । ଏକଦା ସେହି ଯୁବଯନ୍ତ୍ରୀଙ୍କ ସହ ନିଘନ ସମ୍ପର୍କ ରଖିଥିଲେ ଅମରେନ୍ଦ୍ର । ବୋଧହୁଏ ତାଙ୍କ କଥା ରହୁନାହିଁ ବୋଲି ସେ ଫୋନ୍‌ରେ ଗାଳି କରି ତାଙ୍କୁ ହଲାପଟା କରିବାକୁ ଏମିତି ଫନ୍ଦି କରିଥିଲେ ବୋଲି ଚର୍ଚ୍ଚା ହେବା ସ୍ୱାଭାବିକ । ଖାଲି ସେତିକିନୁହେଁ, ଜଣେ କନିଷ୍ଠ ଖଣି ଅଫିସରଙ୍କ ବଦଳିକୁ ନେଇ ଉପଜିଲ୍ଲାପାଳଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା । ଆଉ ଏକ ଖବର ଅନୁଯାୟୀ, ଏସଭିଏମ କଲେଜ ଅଧ୍ୟକ୍ଷାଙ୍କ ବଦଳିକୁ ନେଇ କଲେଜ ପଡ଼ିଆରେ ବାଣ ବି ଫୁଟିଥିଲା । କିନ୍ତୁ ପରେ ଅଧ୍ୟକ୍ଷାଙ୍କ ବଦଳି ବାତିଲ୍ ଘଟଣା କୁଆଡ଼େ ବିଧାୟକଙ୍କୁ ଶକ୍ତ ଚାପୁଡ଼ା ବୋଲି କୁହାଯାଉଛି । ଆଗକୁ ପଞ୍ଚାୟତ ନିର୍ବାଚନ । ଗୋଟିଏ ପଟେ ବିଜେପିର ଅନେକ ଆଗଧାଡ଼ିର ନେତାଙ୍କ ସହ ତାଙ୍କର ସୁସମ୍ପର୍କ ନଥିବାବେଳେ ପ୍ରଶାସନ ସହ ବି ମୁହାଁମୁହିଁ ସ୍ଥିତି ସୃଷ୍ଟିହେଉଛି । ଯାହାକି ବିଜେପିକୁ ଦୁର୍ବଳ କରିଦେବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଅରିନ୍ଦମଙ୍କ ନୂଆ ସିନେମା- 'ବାବୁମାନେ ସାବଧାନ'

ଓଲିଉଡ଼ ଷ୍ଟାର ଅରିନ୍ଦମ ରାୟ ନୂଆ ସିନେମା ସୁଟିଂ କରୁଛନ୍ତି। ସିନେମାର ନାଁ ରହିଛି 'ବାବୁମାନେ ସାବଧାନ'। ଏଇ ନିକଟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ତାଙ୍କ ସିନେମାର ସୁଟିଂ ଚାଲିଥିଲା। ଅରିନ୍ଦମଙ୍କ ସହ ପାର୍ଶ୍ୱ ଅଭିନେତା ରହିଛନ୍ତି ଅଭୟ ବେହେରା। ଅଭୟ ବାବୁ କଳାକାର ନହେଲେବି ରାଜନୀତିରେ ପୂରା ମାହିର। ଆଠଗଡ଼ରେ ଗତ ନିର୍ବାଚନରେ ରାଜା ସ୍ୱାଇଁଙ୍କ ଭଳି ନେତାଙ୍କୁ ବି ଆଣ୍ଠେଇ ଦେଇଥିଲେ। ଅବଶ୍ୟ 'ଅଭୟ'ଙ୍କ ନାଁରେ ଅନୁଭବ ମହାନ୍ତିଙ୍କ ଗୋଟିଏ ସିନେମା ସୁପରହିଟ୍ ହୋଇଥିଲା। ଅରିନ୍ଦମ ଓ ଅଭୟଙ୍କ ଯୋଡ଼ି ଘଣ୍ଟାଏ କାଳ ବ୍ଲକ ଅଫିସରେ ଏମିତି ଖଳିମାଟି କଲେଯେ, ସାରା ରାଜ୍ୟରେ ତାଙ୍କ ସିନେମାର ଟିଜର ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଆଞ୍ଚା ଗମାତରେ ଆମେ ଏମିତି କହୁଛୁ। ଆସନ୍ତୁ ଟିକେ ପ୍ରକୃତ ଘଟଣା ଉପରେ ଆଖି ପହଁରାଇ ଆଣିବା।



ରିଲ୍ ହିରୋରୁ ରିଅଲ ହିରୋ ହେବା ପାଇଁ ଅରିନ୍ଦମ ରାୟଙ୍କର ଷୋଳ ଅଣା ଇଚ୍ଛା। ବିଜେଡ଼ିରେ ପନ୍ଦର ବର୍ଷ ରହିବା ପରେ ବି ଟିକେଟ୍ ଖଣ୍ଡେ ପାଇଲେନି। ଟିକେଟ୍ କଥା ଛାଡ଼ହୋ, ନିଗମଟେ ବି ମିଳିଲାନି। ସିଦ୍ଧାନ୍ତ ମହାପାତ୍ର, ଅନୁଭବ ମହାନ୍ତି, ଆକାଶ ଦାସ ନାୟକଙ୍କୁ ମିଳିଲା ପଛେ ଦଳ କିନ୍ତୁ ଅରିନ୍ଦମଙ୍କୁ ଅଣଦେଖା କଲା। ବବି ଦାସଙ୍କ ଭିଣୋଇ ହୋଇଥିଲେବି ବିଜେଡ଼ି ନପଚାରିବାରୁ ଶେଷରେ ବାଧହୋଇ ବିଜେପିକୁ ପଳାଇଲେ। ଯାହାହେଉ ବିଜେପିକୁ ଯାଉଯାଉ ତାଙ୍କୁ ସାଲେପୁର ଟିକେଟ୍ ମିଳିଗଲା। ସଂଗଠନ କରିନଥିଲେବି ବୈଜୟନ୍ତ ପଣ୍ଡା ଓ ବିଜେପି ହାୱା ସହ ଷ୍ଟାରଡ଼ମ ପାଇଁ ୮୦ ହଜାର ଭୋଟ୍ ପାଇ ହାରି ଯାଇଛନ୍ତି। ଏବେ ସାଲେପୁର ବିଜେପିକୁ ପୁଣି ଫେରିବାକୁ ପ୍ରକାଶ ଚନ୍ଦ୍ର ବେହେରା ଅଙ୍କ କଷୁଛନ୍ତି। କଂଗ୍ରେସ ପରେ ସେ ବିଜେପିକୁ ଯାଇଥିଲେବି, ଲୋଭରେ ପଡ଼ି ଶଙ୍ଖ ଫୁଙ୍କି କିଳାଟେ ନେଇଛନ୍ତି। ଯଦି ଗଲାଥର ସାଲେପୁରରୁ ପ୍ରକାଶ ବିଜେପି ଟିକେଟରେ ଲଢ଼ିଥା'ନ୍ତେ ତେବେ ବାଜିମାତ୍ କରିବାଟା ନିଶ୍ଚିତ ଥିଲା। ପ୍ରକାଶ ଯଦି ପୁଣି ପଦ୍ମ ପୋଖରୀରେ ବୁଡ଼ ପକାନ୍ତି ତେବେ ସାଲେପୁର ଟିକେଟ ଆଉ ଅରିନ୍ଦମଙ୍କୁ ମିଳିବନି। ଯେଉଁଥିପାଇଁ ଅରିନ୍ଦମ ଏବେ ସାଲେପୁର ବିଜେପି ସଂଗଠନକୁ ମଜବୁତ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ହେଲେ ବ୍ଲକରେ ବିଜେପି ନେତାଙ୍କୁ ଅଫିସରମାନେ ଜମା ଖାତିର କରୁନାହାନ୍ତି। ତେଣୁ ରାଗ ତମତମ ହୋଇ ଅଭୟ ଓ ଅରିନ୍ଦମ ବ୍ଲକ ଅଫିସକୁ ଚାଲି ଯାଇଥିଲେ। ଟାଙ୍ଗୀ-ଚୌଦ୍ୱାର ବ୍ଲକଟି ଉଭୟଙ୍କ ନିର୍ବାଚନମଣ୍ଡଳୀରେ ଯାଉଛି। ମାନେ ଫାଳେ ଆଠଗଡ଼ରେ ଥିବାବେଳେ ଫାଳେ ସାଲେପୁରରେ ରହିଛି। ହେଲେ ଆଠଗଡ଼ ଓ ସାଲେପୁରରେ ବିଜେଡ଼ି ବିଧାୟକ ଥିବାରୁ ବ୍ଲକ ପ୍ରଶାସନ ସେମାନଙ୍କ କଥା ରଖିବାକୁ ବାଧହେଉଥିବା ଜାଣିବାକୁ ମିଳୁଛି। ଯାହାକି ବିଜେପି ନେତାଙ୍କ ଦେହରେ ନଯିବା ସ୍ୱାଭାବିକ। ହେଲେ ଆଞ୍ଚା ବିଡ଼ିଓ କି ଏବିଡ଼ିଓ ଯଦି ନଶୁଣୁଛନ୍ତି ବିଜେପି ନେତାମାନେ ପ୍ରଥମେ ମନମୋହନ ସାମଲଙ୍କ ଜନଶୁଣାଣୀରେ ଅଭିଯୋଗ କରନ୍ତୁ। ଲୋକଙ୍କର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପାଖକୁ ଯାଆନ୍ତୁ। ନହେଲେ ସାଂସଦଙ୍କ ସହ ମିଶି ଜିଲ୍ଲାପାଳଙ୍କ ପାଖକୁ ଗଲେବି ଚଳିବ। କିନ୍ତୁ ସେମିତି ନକରି ଏବିଡ଼ିଓ ଓ ମହିଳା ଅଧିକାରୀଙ୍କ ଉପରେ ହାକିମାତି କଲେ କ'ଣ ଲାଭ?

# କେନ୍ଦୁଝର : କାହାକୁ ନିଗମ ଦେବେ ମୋହନ?

ସମ୍ପ୍ରତି ବିଜେପିରେ ଗୋଟିଏ ଚର୍ଚ୍ଚା। କେବେ ବଣ୍ଟା ହେବ ନିଗମ ମୁଆଁ? ଦୁଇ ବର୍ଷ ଧରି ଆଗଧାଡ଼ିର ନେତାମାନେ ନିଗମକୁ ଅପେକ୍ଷା କରି ରହିଛନ୍ତି। ହେଲେ ହେବ ହେବ ବୋଲି ନିଗମ ପଦ୍ମ ଘୁଞ୍ଚି ଘୁଞ୍ଚି ଚାଲିଛି। ଜୁନ୍‌ରେ ବର୍ଷ ପୂରାଣି ପୂର୍ବରୁ ନିଗମ ଲଡ୍ଡୁ ବଣ୍ଟା ହେବବୋଲି ଜୋରଦାର ଚର୍ଚ୍ଚା ହେଉଥିବାରୁ ଅନ୍ୟ ଜିଲ୍ଲାଗୁଡ଼ିକ ଭଳି କେନ୍ଦୁଝରରେ ବି ଆଶାୟୀଙ୍କ ଲମ୍ବା ଲାଇନ୍ ଲାଗିଛି। ହେଲେ କେନ୍ଦୁଝରରେ ମୋହନ ହିଁ ନିଗମ ବାଣ୍ଟିବେ। ମୁଖ୍ୟମନ୍ତ୍ରୀ ଥିବାରୁ ସେ ଯାହା କହିବେ ସେଇଟା ହିଁ ଫାଇନାଲ୍ ହେବ। ଯେଉଁଥିପାଇଁ ମୋହନଙ୍କ ଅନେକ ଘନିଷ୍ଠ ନିଗମ ରେସରେ ରହିଛନ୍ତି।

ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ରାଜ୍ୟ କୃଷକ ମୋର୍ଚ୍ଚାର ପୂର୍ବତନ ସଭାପତି ମହେଶ୍ୱର ସାହୁ ନିଗମ ରେସରେ ଆଗରେ ରହିଛନ୍ତି। ଆନନ୍ଦପୁର ଉପଖଣ୍ଡର ଯୁବନେତା ଯଜ୍ଞପ୍ରସାଦଙ୍କ ନାମ ବି ଶୁଣିବାକୁ ମିଳୁଛି। ମୋହନଙ୍କ ସହ ବି ତାଙ୍କର ନିଘନ ସମ୍ପର୍କ ରହିଛି। ଘସିପୁରାର ପୂର୍ବତନ ବିଜେପି ପ୍ରାର୍ଥୀ ପୃଥ୍ୱୀରାଜ କୁଅଁର ବି ଆଶା ବାନ୍ଧି ବସିଛନ୍ତି। ବିଜେପିର ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତଙ୍କୁ ନେଇ ଚର୍ଚ୍ଚା ହେଉଥିବାବେଳେ ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାଏକ ବି ନିଗମ ପାଇବେ ବୋଲି ତାଙ୍କ ସମର୍ଥକମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଗତ ୨୦୨୪ ନିର୍ବାଚନ ପୂର୍ବରୁ ସେ ବିଜେପିରେ ଯୋଗ ଦେଇଥିଲେବି ଟିକେଟରୁ ବଞ୍ଚିତ ହୋଇଥିଲେ। ମହିଳା ନେତ୍ରୀଙ୍କୁ ବି ବିଜେପି ଅଗ୍ରାଧିକାର ଦେଉଛି। ବିଶେଷକରି ଏବେ ୩୩% ମହିଳା ସଂରକ୍ଷଣକୁ ନେଇ ବିଜେପି ସାରା ରାଜ୍ୟରେ ପ୍ରଚାର କରୁଛି। ବିରୋଧୀଙ୍କ ବିରୋଧରେ ବିକ୍ଷୋଭ ବି କରୁଛି। ତେଣୁ କେନ୍ଦୁଝରର ଦୁଇ ମହିଳା ନେତ୍ରୀ ସୁକେଶ ଓରାମ ଓ କିରଣବାଳା ନାଏକଙ୍କ ନାମ ବି ଚର୍ଚ୍ଚାରେ ରହିଛି। ଏମାନଙ୍କ ବ୍ୟତୀତ ପୂର୍ବତନ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଏବଂ ବରିଷ୍ଠ ବିଜେପି ନେତା ବିରଜା ମିଶ୍ର ବି ରେସ୍‌ରେ ରହିଛନ୍ତି। ଏତେ ଆଶାୟୀ ଥିବାବେଳେ ଅଧିକାଂଶ ନିରାଶ ହେବା ନିଶ୍ଚିତ। ଅତିବେଶୀରେ କେନ୍ଦୁଝରକୁ ଦୁଇଟି ନିଗମ ମିଳିପାରେ। ତେଣୁ କାହାକୁ ବାଛିବେ ତାହାବି ମୋହନଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟିକରିବ।



ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA



# ନୂଆ ମୁହଁ ଆଗକୁ ଆସିଲେ କଂଗ୍ରେସ ଆଗେଇବ

**-ସାଗର ଦାସ**

**ଦିନେ ସେ ଭକ୍ତ ଦାସଙ୍କ ପୁଅ ଭାବେ ପରିଚିତ ହେଉଥିଲେ। ଆଜି କିନ୍ତୁ ଭବାନୀପାଟଣାର ବିଧାୟକ ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ବୟସ ୩୫ ହୋଇଥିଲେବି ରାଜ୍ୟ ରାଜନୀତିରେ ତାଙ୍କର ଢେର ଦଖଲ ରହିଛି। ଆମେ କହୁଛୁ ସାଗର ଚରଣ ଦାସଙ୍କ କଥା। ଆଜିକା ଦିନରେ ପଶ୍ଚିମ ଓଡ଼ିଶାର ସେ ଜଣେ ଲୋକପ୍ରିୟ ଯୁବ ବିଧାୟକ। ବାପାଙ୍କ ପଦାନୁସରଣ କରି ଛାତ୍ର ଜୀବନରୁ ସେ ରାଜନୀତି ସହ ଜଡ଼ିତ। ହେଲେ ତାଙ୍କ ରାଜନୀତି ରାସ୍ତା ଏତେ ସହଜ ନଥିଲା। ଛାତ୍ର କଂଗ୍ରେସ ସଭାପତି ନିର୍ବାଚନ ହେଉ ଅବା ଯୁବ କଂଗ୍ରେସ ସଭାପତି ନିର୍ବାଚନ, ଲାଗିପାତି କଂଗ୍ରେସର ଉପକୂଳିଆ ମୁଣ୍ଡିଆଳମାନେ ତାଙ୍କୁ ହରାଇ ଦେଇଥିଲେ। ହେଲେ ଅଟକି ଯାଇନଥିଲେ ସାଗର। ୨୦୧୯ ନିର୍ବାଚନରେ ହାରିଥିଲେବି ୨୦୨୪ରେ ପ୍ରଥମ ଥର ବିଧାୟକ ହେବାର ସୌଭାଗ୍ୟ ପାଇଛନ୍ତି।**

**ବିବିଏ ପଢ଼ିଥିବା ସାଗର ଜଣେ ଲନ ଟେନିସ୍ ଖେଳାଳୀ। ଜାତୀୟସ୍ତରରେ ବି ସେ ଭଲ ଖେଳାଳୀ ଭାବେ ସୁନାମ ଅର୍ଜନ କରିଛନ୍ତି। ଆଗକୁ ତାଙ୍କ ପାଇଁ ରାଜନୀତିର ଲମ୍ବା ରାସ୍ତା ପଡ଼ିଛି। ସେ ଭଲ ରାଜନେତା ହୁଅନ୍ତୁ, ପ୍ରଭୁ ଜଗନ୍ନାଥ ଓ ମା' ମାଣିକେଶ୍ୱରୀଙ୍କ ନିକଟରେ 'ଗର୍ବିତ ଓଡ଼ିଆ'ର ପ୍ରାର୍ଥନା।**

**?** ଏବେ ପଶ୍ଚିମ ଓଡ଼ିଶାର ଆପଣ ଜଣେ ପ୍ରମୁଖ ଯୁବ ଚେହେରା। ଅନ୍ୟ କ୍ୟାରିୟର ନକରି ରାଜନୀତିକୁ କାହିଁକି କ୍ୟାରିୟର କଲେ? ବାପା ରାଜନୀତି କରନ୍ତି ବୋଲି ଅନୁପ୍ରାଣୀତ ହୋଇ ଏ କ୍ଷେତ୍ରକୁ ଆସିଲେ କି?

ମୋ ପିତା ସଦା ସର୍ବଦା ମୋର ପ୍ରେରଣା ରହିଆସିଛନ୍ତି। ଦେଶର ସମସ୍ତ ଜାତି ଓ ସବୁ ସମ୍ପ୍ରଦାୟର ଲୋକଙ୍କ ସେବା କରିବାର ମନୋଭାବ ମୋତେ ସେଠାରୁ ମିଳିଛି। ମୁଁ ଯେଉଁଠି ପେଶାଗତ ଭାବେ କାମ କରୁଥିଲି, ସେଠାରେ ମଧ୍ୟ ନେତୃତ୍ୱ ଓ ଦେଶସେବାର ଭାବନା ମୋ ମନରେ ରହିଥିଲା।

**?** ସାଗରଙ୍କୁ ଯୁବ ସଭାପତି କରାଇନଦେବା ପାଇଁ କଂଗ୍ରେସର ବଡ଼ ନେତାମାନେ ଖୁବ୍ ଦମ୍‌ରେ ଲାଗିପଡ଼ିଥିଲେ। ସେତେବେଳେ ଗଣମାଧ୍ୟମରେ ଏକଥା ବେଶ ଚର୍ଚ୍ଚା ସୃଷ୍ଟି କରିଥିଲା। ଆପଣଙ୍କୁ ବିରୋଧ ପଛରେ କାରଣ କ'ଣ? ଈର୍ଷା ନାଁ ଆଉକିଛି?

ହଁ, ଏହା ସତ୍ୟ। ମୋ ବାପା କଳାହାଣ୍ଡି ଓ ପଶ୍ଚିମ ଓଡ଼ିଶାର ଜଣେ ଲୋକପ୍ରିୟ ନେତା। ଏଆଇସିସି ମଧ୍ୟ ବାପାଙ୍କୁ ବହୁ ଗୁରୁଦାୟିତ୍ୱ ଦେଇଥିଲେ। ଦଳିତ ସମୁଦାୟ ଏବଂ ପଶ୍ଚିମ ଓଡ଼ିଶାର ପ୍ରତିନିଧି ହୋଇଥିବାରୁ କିଛି ନେତା ଅସୁରକ୍ଷିତ ମନେ କରୁଥିଲେ। ରାଜ୍ୟସ୍ତରରେ ଏକ ଯୁବ ନେତା ଭାବେ ମୋର ଗ୍ରହଣୀୟତା ମଧ୍ୟ ସେମାନଙ୍କୁ ଅସ୍ଥିର କରିଥିଲା। ଏହି କାରଣରୁ ବରିଷ୍ଠ ନେତାମାନେ ଦୁଇଥର ଏକତ୍ରିତ ହୋଇ ମୋତେ ପରାଜିତ କରିବାକୁ ଚେଷ୍ଟା କରି ସଫଳ ହୋଇଥିଲେ।

**?** ଯୁବନେତା ଭାବେ କଂଗ୍ରେସର ଭବିଷ୍ୟତକୁ କେଉଁ ଦୃଷ୍ଟିରେ ଦେଖନ୍ତି। ବିଶେଷକରି ଓଡ଼ିଶାରେ ପ୍ରତି ଥର କଂଗ୍ରେସର ଭୋଟ୍ ହାର କମିକମି ଚାଲିଛି। କଂଗ୍ରେସ ଆଗେଇ ନପାରିବାର କାରଣ କ'ଣ?

କଂଗ୍ରେସରେ ନୂଆ ମୁହଁମାନଙ୍କୁ ଆଗକୁ ଆଣିବାକୁ ପଡିବ। ଯେଉଁ ନେତାମାନେ ନିଜ ବ୍ୟକ୍ତିଗତ ସ୍ୱାର୍ଥ ଓ ରାଜନୈତିକ ଭବିଷ୍ୟତ ପାଇଁ ଅନ୍ୟ ଦଳ ସହ ଗୋପନ ସମ୍ପର୍କ ରଖୁଛନ୍ତି, ସେମାନଙ୍କୁ ଚିହ୍ନଟ କରିବା କରିବା ଦରକାର। ଆମର ଅଧିକାଂଶ ଭୋଟର ୪୫ ବର୍ଷରୁ କମ୍ ବୟସର। ସେଥିପାଇଁ ଯୁବକମାନେ କିମ୍ବା ଯେଉଁମାନେ ଯୁବ ସମାଜ ସହ ଯୋଗସୂତ୍ରରେ ରହିପାରିବେ, ସେମାନଙ୍କୁ ଅଧିକ ସୁଯୋଗ ଦେବା ଉଚିତ। ଦଳରେ ବୁଥ ଓ ପଞ୍ଚାୟତସ୍ତରର କର୍ମୀଙ୍କୁ ମଧ୍ୟ ଶକ୍ତିଶାଳୀ କରିବାକୁ ହେବ।

**?** ଭକ୍ତ ଦାସଙ୍କ ନେତୃତ୍ୱରେ ୨୦୨୯ରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ଆପଣ ଭାବୁଛନ୍ତି କି?

ଦେଖନ୍ତୁ, ଏହାର ଉତ୍ତର ମୁଁ ଦେବାକୁ ଉଚିତ୍ ମନେକରୁନି। ଏକଥା କଂଗ୍ରେସର ନେତା ଓ ଅଗଣିତ କର୍ମୀଙ୍କୁ ପଚାରିବା ଦରକାର। କଂଗ୍ରେସ ପାଇଁ ଅନେକ ଚ୍ୟାଲେଞ୍ଜ ରହିଛି। ତେବେ ସ୍ଥିତି ବଦଳାଇବାର ଦକ୍ଷତା ଭକ୍ତ ଦାସଙ୍କର ଅଛି।

**?** ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ଓ ବିଜେଡ଼ି ଏକାଠି ହୋଇ ଲଢ଼ିଲେ। ସଂଖ୍ୟାଥାଇବି ପ୍ରାର୍ଥୀ ହାରିଗଲେ। ସେପଟେ କଂଗ୍ରେସର ୩ ନେତା ବି କ୍ରସ୍‌ଭୋଟିଂ କଲେ। ଏହାଦ୍ୱାରା କଂଗ୍ରେସର ଲାଭ ହେଲା ନା କ୍ଷତି?

ଦୀର୍ଘକାଳୀନ ଭାବେ ଦେଖିଲେ, ଏହା ଦଳ ପାଇଁ ବହୁତ ଲାଭଦାୟକ ହୋଇଛି। ଏଥର କଂଗ୍ରେସ ଏକ ମୁଖ୍ୟ ରାଜନୈତିକ ଶକ୍ତି ଭାବେ ଉଭା ହେଲା। ଯେଉଁମାନେ ଦଳ ସହ ଗୁପ୍ତରେ ବିଶ୍ୱାସଘାତକତା କରୁଥିଲେ ସେମାନଙ୍କ ଅସଲ ସ୍ୱରୂପ ସମସ୍ତେ ଦେଖିପାରିଲେ।

> କଳାହାଣ୍ଡିକୁ ବିଜେଡ଼ି ଓ ବିଜେପି ଧୋକ୍କା ଦେଇଛନ୍ତି

**?** ୨୦୨୯ ବେଳକୁ କଂଗ୍ରେସ ଓ ବିଜେଡ଼ି ମଧ୍ୟରେ ମେଣ୍ଟ ହେଲେ ଭଲହେବ କି? ଏହାଦ୍ୱାରା କଂଗ୍ରେସ ଫାଇଦାରେ ରହିବ ବୋଲି ଆପଣ ଭାବୁଛନ୍ତି କି?

ମୋର ବ୍ୟକ୍ତିଗତ ମତରେ, ଦଳକୁ ଏବେ ପୋଷ୍ଟ-ଆଲାଏନ୍ସ ରାଜନୀତି ଉପରେ ଧ୍ୟାନ ଦେବା ଉଚିତ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ସମମନସ୍କ ଓ ଧର୍ମନିରପେକ୍ଷ ଶକ୍ତିମାନେ ଏକତ୍ରିତ ହୋଇ ବର୍ତ୍ତମାନ ବିଜେପି ସରକାର ବିରୋଧରେ ଲଢ଼ିବା ଆବଶ୍ୟକ।

**?** କଳାହାଣ୍ଡି ଏକଦା କଂଗ୍ରେସର ଗଡ଼ ଥିଲା। ପରେ ବିଜେଡ଼ିର ରାଜ୍ ଆରମ୍ଭ ହୋଇଗଲା। ଏବେ ଧିରେଧିରେ ବିଜେପି କାୟା ବିସ୍ତାର କଲାଣି। ଏହାର ମୁକାବିଲା କରିବାକୁ କଂଗ୍ରେସ କି ରଣନୀତି କରିଛି?

ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଳାହାଣ୍ଡିରେ କଂଗ୍ରେସ ସଦା ସର୍ବଦା ଶକ୍ତିଶାଳୀ ରହିଛି ଓ ରହିବ। ସମସ୍ତ ନିର୍ବାଚନରେ ଆମେ ପ୍ରାୟ ୨୭% ଭୋଟ୍ ପାଉଛୁ। ବର୍ତ୍ତମାନ ପରିସ୍ଥିତିରେ ଲୋକମାନେ ବିଜେପି ଉପରୁ ଆସ୍ଥା ହରାଇଛନ୍ତି। ଯଦି କଂଗ୍ରେସ ଘରେ ଘରେ ପହଞ୍ଚି ନିଷ୍ଠାପର ଭାବେ ବୁଥ୍ ଓ ଗ୍ରାମସ୍ତରର କମିଟିଗୁଡ଼ିକୁ ସଂଗଠିତ କରେ ତେବେ କଂଗ୍ରେସ ଆହୁରି ଶକ୍ତିଶାଳୀ ହୋଇପାରିବ।

**?** ଭବାନୀପାଟଣାରେ ବିଜେପିର ହେଭିୱେଟ୍ ନେତାଙ୍କୁ ପରାସ୍ତ କରିଛନ୍ତି। ଲୋକେ ଆପଣଙ୍କୁ କାହିଁକି ଭଲ ପାଇଲେ? ଗତ ଦୁଇବର୍ଷ ଭିତରେ କି କି ପ୍ରତିଶ୍ରୁତି ପୂରଣ କରିଛନ୍ତି ଓ କିକି ପ୍ରତିଶ୍ରୁତି ବାକି ରହିଯାଇଛି।

ଲୋକମାନେ ବିଜେପି ଦ୍ୱାରା ଭ୍ରମିତ ହୋଇଥିଲେ ଏବଂ ସେମାନେ ଅତ୍ୟଧିକ ଆତ୍ମବିଶ୍ୱାସୀ ହୋଇପଡ଼ିଥିଲେ। ମୁଁ ଦୁଇ ବର୍ଷ ଧରି ନିରବ ଭାବେ ଦିନରାତି କାମ କରିଥିଲି। ଠିକ୍ ନାରେଟିଭ୍ ଓ ଶକ୍ତିଶାଳୀ ନିର୍ବାଚନୀ ରଣନୀତି ଯୋଗୁଁ ମୁଁ ଲୋକମାନଙ୍କୁ ବିଶ୍ୱାସ ଦେଇପାରିଲି ଏବଂ ବିଜେପି ଓ ବିଜେଡି ଉଭୟଙ୍କୁ ରାଜନୈତିକ ଚର୍ଚ୍ଚାରୁ ଦୂରେଇ ରଖିପାରିଲି। କଳାହାଣ୍ଡିର ଲୋକମାନେ ଓ ଯୁବସମାଜ ମୋ ଉପରେ ଭରସା କରନ୍ତି। କାରଣ ମୁଁ ମନର କଥା କହେ ଏବଂ ସତ୍ୟ ଓ ନ୍ୟାୟ ପାଇ ଦୃଢ଼ ଭାବେ ଠିଆହୁଏ। ମୁଁ ସେମାନଙ୍କ ଅଧିକାର ପାଇଁ ଲଢ଼େଇ କରିଆସୁଛି। ବିଜେପି ସରକାର ମୋତେ ଅଟକାଇବା ପାଇଁ ସମସ୍ତ ଚେଷ୍ଟା କରିଥିଲେ ମଧ୍ୟ, ମୁଁ ମୋର ପ୍ରତିଶ୍ରୁତି ଓ ଲୋକଙ୍କ ଆକାଂକ୍ଷା ପୂରଣ କରିବାକୁ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମ କରୁଛି। ଗାଁଗୁଡ଼ିକୁ ଯାଇ ମୋର କାମକୁ ଦେଖନ୍ତୁ। ବିଜେପି ସରକାର ଯେତେ ବାଧା ସୃଷ୍ଟି କରୁନା କାହିଁକି, ମୁଁ ଲୋକଙ୍କ ପାଇଁ କାମ କରିବା ଜାରି ରଖିଛି। କୃଷକଙ୍କ ଅଧିକାର, ତୁର୍କେଲ୍ ବ୍ରିଜ୍, ଉନ୍ନତ ନାଗରିକ ସୁବିଧା, ମହିଳା ସୁରକ୍ଷା, ଲୋକଙ୍କ ପାଇଁ ପାଣି, ଯୁବ ଓ ବେକାରୀଙ୍କ ପାଇଁ ଭଲ ସୁଯୋଗ ପାଇଁ ମୋର ସଂଗ୍ରାମ ଆଗକୁ ମଧ୍ୟ ଜାରି ରହିବ ଏବଂ ଏହା ମୋର କାର୍ଯ୍ୟର ପ୍ରମାଣ ହେବ।

> ସ୍ଥିତି ବଦଳାଇବାର ଦକ୍ଷତା ଭକ୍ତ ଦାସଙ୍କର ଅଛି

> ବିଜେପି ବିରୋଧରେ ଧର୍ମନିରପେକ୍ଷ ଶକ୍ତି ଏକାଠି ଲଢ଼ିବା ଦରକାର



**?** କଳାହାଣ୍ଡିରେ ବଡ଼ ସମସ୍ୟା କ'ଣ? ଏଥିପାଇଁ କେଉଁ ଦଳକୁ ଦାୟୀ କରିବେ?

ମୋ ମତରେ କୃଷିକୁ ପର୍ଯ୍ୟାପ୍ତ ସହଯୋଗ ଓ ଛୋଟ ଓ ବଡ଼ ଖଣି ନୀତିର ସଠିକ୍ ପ୍ରୟୋଗର ଅଭାବ ରହିଛି। ବେକାରୀ ଓ ଦାଦନ ମଧ୍ୟ ଅତ୍ୟନ୍ତ ଗମ୍ଭୀର ସମସ୍ୟା ହୋଇପଡ଼ିଛି। ମୋ ମତରେ ଏହି ପରିସ୍ଥିତି ପାଇଁ ବିଜେପି ଓ ବିଜେଡି ଉଭୟ ଦାୟୀ। ଦୁଇଟି ଦଳ ଆମ ଜିଲ୍ଲାକୁ ସବୁବେଳେ ଧୋକା ଦେଇଆସିଛନ୍ତି ଏବଂ ମିଥ୍ୟା ପ୍ରତିଶ୍ରୁତି ଦେଇଛନ୍ତି। ସେମାନେ କେବଳ ନିର୍ବାଚନ ସମୟରେ ଆମ ଅଞ୍ଚଳକୁ ମନେପକାନ୍ତି।

**?** ସମ୍ପ୍ରତି ସାରା ଦେଶରେ ବିଜେପି ବଢ଼ିବଢ଼ି ଚାଲିଛି। କଂଗ୍ରେସ ଖସିଖସି ଚାଲିଛି। ଅନେକ ରାଜ୍ୟରେ ବିଜେପି ସରକାର ଗଢ଼ିଛି। କାହିଁକି ବିଜେପି ଏତେ ଆଗକୁ ଯାଉଥିବାବେଳେ କଂଗ୍ରେସ ଖସିଖସି ଚାଲିଛି?

ଆମେ ଜନତାଙ୍କ ଜନାଦେଶ ଉପରେ ବିଶ୍ୱାସ କରୁଛୁ, କିନ୍ତୁ ସେମାନେ ବଳପୂର୍ବକ ଲୋକଙ୍କ ମନୋଭାବ ଓ ଜନାଦେଶକୁ ପ୍ରଭାବିତ କରିବାରେ ବିଶ୍ୱାସ କରନ୍ତି। ଆମେ ଲୋକଙ୍କୁ ବୁଝାଇଥାଉ, କିନ୍ତୁ ସେମାନେ ମିଛ ଭେଳିକି ଦେଖାଇ ଲୋକଙ୍କୁ ନିଜ ପକ୍ଷରେ ବିଶ୍ୱାସ କରାଇବାକୁ ବାଧ୍ୟ କରନ୍ତି। ଏହା ସତ୍ୟ ଓ ଅସତ୍ୟ ମଧ୍ୟରେ ଏକ ଲଢେଇ। ଏ ଲଢେଇରେ ସମୟ ଲାଗେ, କିନ୍ତୁ ଶେଷରେ ଜିତ୍ ସତ୍ୟର ହେବ। ଖୁବଶୀଘ୍ର କଂଗ୍ରେସର ଭଲଦିନ ଫେରିବ।

**?** ଆଗାମୀ ଦିନରେ ଆପଣ ପୁଣି ବିଧାନସଭାକୁ ଯିବାକୁ ଚାହିଁବେ ନା ବାପାଙ୍କ ଭଳି ଲୋକସଭାକୁ ଯିବେ? ଅତୀତରେ ଅନେକ ପିସିସି ସଭାପତିଙ୍କ ପୁଅ ଲୋକସଭା ନିର୍ବାଚନ ଲଢ଼ିଛନ୍ତି।

ମୋ ପ୍ରତି ଭରସା କରୁଥିବା ଏବଂ ମୋତେ ନିଜର ଲୋକ ଭାବେ ମାନୁଥିବା ଲୋକମାନଙ୍କ ସେବା ମୁଁ ଯେକୌଣସି ଭୂମିକାରେ ରହି କରିପାରିବି। ସେମାନଙ୍କ ଅଧିକାର ପାଇଁ ସଦା ସର୍ବଦା ସଂଗ୍ରାମ କରିବି। କେବଳ ଜଣେ ପିସିସି ଅଧ୍ୟକ୍ଷଙ୍କ ପୁଅ ହେବାର କଥା ନୁହେଁ; ବରଂ ମୋର ଲୋକମାନେ ମୋତେ କେଉଁଠି ଏବଂ କେମିତି ସେମାନଙ୍କ ପକ୍ଷରେ ଠିଆ କରିବାକୁ ଚାହୁଁଛନ୍ତି, ତାକୁ ଗୁରୁତ୍ୱ ଦେବି।

**?** ନିରଞ୍ଜନ ପିସିସି ସଭାପତି ଥିବାବେଳେ ନବଜ୍ୟୋତି ଅନେକ କଥା ବୁଝୁଥିଲେ। ଜୟଦେବ ବାବୁ ପିସିସି ସଭାପତି ଥିବାବେଳେ ତାଙ୍କ ପୁଅ ବି ସଂଗଠନ କଥା ବୁଝୁଥିଲେ। ଏବେ ଭକ୍ତ ପିସିସି ସଭାପତି ଥିବାବେଳେ ସାଗର ସବୁ ବୁଝୁଥିବା କଥା କୁହାଯାଉଛି। ନୂଆପଡ଼ା ଉପନିର୍ବାଚନ, ରାଜ୍ୟସଭା ନିର୍ବାଚନରେ ବି ସାଗର ଦାସ ଗୋଟି ଚଳାଇଥିଲେ।

ମୁଁ କୌଣସି ପଦ ପଦବୀ କିମ୍ବା ସମ୍ପର୍କର ପ୍ରାଥମିକତାକୁ ଧ୍ୟାନରେ ରଖି କାମ କରେନାହିଁ। ମୋତେ ଯେଉଁ ଦାୟିତ୍ୱ ଦିଆଯାଇଛି, ସେହି ଭୂମିକାରେ ରହି କଂଗ୍ରେସ ଦଳର ଉନ୍ନତି ଓ ସଶକ୍ତିକରଣ ପାଇଁ କାମ କରୁଛି। ମୁଁ କେଉଁ ସ୍ଥାନରେ ଅଛି ଓ କଣ କରୁଛି ତାହାର ବିଚାର ଆପଣମାନେ କରନ୍ତୁ।

**ଆନନ୍ଦପୁର ରାଜନୀତି**

# ବିଧାୟକ ହେବେକି ମନୋଜ ?

**୨୦୨୯ରେ ଆନନ୍ଦପୁର କାହାର ? କଂଗ୍ରେସ, ବିଜେଡ଼ି ନା ବିଜେପିର ? ଏହାକୁ ନେଇ ଆରମ୍ଭ ହୋଇଯାଇଛି ରାଜନୀତିକ ଅଙ୍କକଷା। କେନ୍ଦୁଝର ଏକଦା କଂଗ୍ରେସର ଗଡ଼ ଥିବାବେଳେ ପରେ ବିଜେଡ଼ି ଦବଦବା ଜାହିର କରିଥିଲା। ଏବେ କିନ୍ତୁ କେନ୍ଦୁଝର ଜିଲ୍ଲାରେ ବିଜେପିର ଶକ୍ତି ବଢ଼ିବାରେ ଲାଗିଛି। ବିଶେଷକରି ମୋହନ ମାଝୀ ମୁଖ୍ୟମନ୍ତ୍ରୀ ହେବାପରେ କେନ୍ଦୁଝରରେ ବିଜେପିର ହାୱା ବହିବାରେ ଲାଗିଛି।**

ଆନନ୍ଦପୁର ରାଜନୀତି ଏବେବି ଜୟଦେବ ଜେନାଙ୍କ ଚାରିପଟେ ବୁଲୁଛି । ୧୦ ଥର ସେ ନିର୍ବାଚନ ଲଢ଼ିଛନ୍ତି । ୬ ଥର ହାରିଥିଲେବି ଜୟଦେବଙ୍କର ଭଲ ଭୋଟ୍ ବ୍ୟାଙ୍କ ରହିଛି । ତେବେ ୨୦୨୯ରେ ଆନନ୍ଦପୁରରୁ ନିର୍ବାଚନ ଲଢ଼ିବେ ଜୟଦେବଙ୍କ ପୁଅ ମନୋଜ ଜେନା । ଏବେ ସେ କେନ୍ଦୁଝର ଜିଲ୍ଲା କଂଗ୍ରେସ ସଭାପତି ରହିଥିବାବେଳେ ବାପାଙ୍କ ସହଯୋଗୀଙ୍କୁ ନେଇ ଆନନ୍ଦପୁରରେ ସଂଗଠନ ମଜବୁତ କରିବାର ପ୍ରୟାସ କରୁଛନ୍ତି ।୨୦୦୦ରେ ଥରେ ମାତ୍ର ଆନନ୍ଦପୁରରେ ବିଜେପି ଜିତିଥିଲା । ମେଣ୍ଟ ଗଣିତ ପାଇଁ ବାଜିମାତ୍ କରିଥିଲେ ମାୟାଧର ଜେନା । ତେବେ ୨୦୦୯ରୁ ଆନନ୍ଦପୁରରେ ବିଜେଡ଼ି ହିଁ ବାଜିମାତ୍ କରିଆସୁଛି । ବିଜେଡ଼ି ଚାରିଥର ଜିତିଥିଲେବି ପ୍ରତିଥର ପ୍ରାର୍ଥୀ ବଦଳାଇ ଆସୁଛି । ଏଭଳି ସ୍ଥିତିରେ ୨୦୨୯ରେ ଦଳ ପ୍ରାର୍ଥୀ ବଦଳାଇବ ନା ରିପିଟ୍ କରିବ ତାହାକୁ ନେଇ ଚର୍ଚ୍ଚା ହେବା ସ୍ୱାଭାବିକ । ଅପରପକ୍ଷରେ ୨୦୨୯ ବେଳକୁ ବିଜେଡ଼ି ଓ କଂଗ୍ରେସ ମଧ୍ୟରେ ମେଣ୍ଟ ହେବାନେଇ ଚର୍ଚ୍ଚା ବି ଜୋର୍ ଧରିଛି । ଯଦି ମେଣ୍ଟ ହୁଏ ତେବେ ଜୟଦେବଙ୍କ ପତିଆରା ଥିବାରୁ ଆନନ୍ଦପୁର ଆସନଟି କଂଗ୍ରେସ ଭାଗରେ ପଡ଼ିବ । ସେଭଳି ହେଲେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହେବାର ସମ୍ଭାବନା ରହିଛି । ତେବେ ବିଜେପିକୁ ଦୁର୍ବଳ ଭାବିଲେ ହେବନାହିଁ । ଗତ ନିର୍ବାଚନରେ ବିଜେପି ୪୨ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ପାଇଥିଲା । ବିଜେପି ନେତା ଆଲୋକ କୁମାର ସେଠୀ ତିନି ଥର ନିର୍ବାଚନ ଲଢ଼ି ହାଟ୍ରିକ୍ ପରାଜୟ ବରଣ କରିଛନ୍ତି । କିନ୍ତୁ ପ୍ରତିଥର ତାଙ୍କର ଭୋଟ୍ ହାର ବଢ଼ିବାରେ ଲାଗିଛି । ଯଦି ବିଜେଡ଼ି-କଂଗ୍ରେସ ମେଣ୍ଟ ହୁଏ ତେବେ କିଛି ବିଜେଡ଼ି କର୍ମୀ କ୍ଷୁବ୍ଧ ହୋଇ ବିଜେପି ସପକ୍ଷରେ ଭୋଟ୍ ଦେଲେ ଆଶ୍ଚର୍ଯ୍ୟ ହେବାର ନାହିଁ । ୨୦୨୭ ପଞ୍ଚାୟତ ନିର୍ବାଚନରେ ହିଁ କାହାର କେତେ ବଳ ତାହା ସ୍ପଷ୍ଟ ହୋଇଯିବ ।




## ରାଜନୀତିକ ଇତିହାସ

ଆନନ୍ଦପୁର ଓ ହାଟଡ଼ିହି ବ୍ଲକର କିଛି ପଞ୍ଚାୟତକୁ ନେଇ ଆନନ୍ଦପୁର ନିର୍ବାଚନମଣ୍ଡଳୀ ଗଠିତ ହୋଇଛି । ୱିକିପିଡ଼ିଆ ତଥ୍ୟ ଅନୁଯାୟୀ, ୧୯୫୨ରେ ଏଠାରୁ ସ୍ୱାଧୀନ ଭାବେ ଭାଇଗ ସେଠୀ ଓ ଜନାର୍ଦ୍ଦନ ଭଞ୍ଜଦେଓ ବାଜିମାତ୍ କରିଥିଲେ । ୧୯୫୭ରେ ଗଣତନ୍ତ୍ର ପରିଷଦ ଟିକେଟରେ ଆନନ୍ଦପୁରରୁ ପ୍ରତିନିଧିତ୍ୱ କରିଥିଲେ ଉପେନ୍ଦ୍ର ଜେନା ଓ ବୀର କିଶୋର ଜେନା । ୧୯୫୮ ଉପନିର୍ବାଚନରେ ନରସିଂହ ନାରାୟଣ ଭଞ୍ଜ ଦେଓ ଓ ମକର ସେଠୀ ଜିତିଥିବାବେଳେ ୧୯୫୯ ଉପନିର୍ବାଚନରେ ଜିଣିଥିଲେ ଉପେନ୍ଦ୍ର ଜେନା । ୧୯୬୧ରେ ମକର ସେଠୀ, ୧୯୬୭ରେ ଭୁବନାନନ୍ଦ ଜେନା, ୧୯୭୧ରେ ମକର ସେଠୀ ବିଜୟୀ ହୋଇଥିଲେ । ଜୟଦେବ ଜେନା ୧୯୮୦, ୧୯୮୫, ୧୯୯୫ ଓ ୨୦୦୪ରେ ବିଜୟୀ ହୋଇଥିଲେ । ୧୯୯୦ରେ ଦାଶରଥି ଜେନା, ୨୦୦୦ରେ ମାୟାଧର ଜେନା, ୨୦୦୯ ଓ ୨୦୧୯ରେ ଭାଗିରଥି ସେଠୀ, ୨୦୧୪ରେ ମାୟାଧର ଜେନା ଓ ୨୦୨୪ରେ ଅଭିମନ୍ୟୁ ସେଠୀ ବାଜିମାତ୍ କରିଥିଲେ ।

## ନିର୍ବାଚନ ଟଙ୍କାରେ ଜୟଦେବଙ୍କ ଗାଡ଼ି କିଣା

ଆଜ୍ଞା ଏକଦା ରାଜ୍ୟ କଂଗ୍ରେସକୁ ନିଜ ଚାରିପାଖେ ଘୂରାଉଥିଲେ ଜୟଦେବ ଜେନା । ନିରଞ୍ଜନ ପଟ୍ଟନାୟକ, ଲୁଲୁ ମହାପାତ୍ରଙ୍କ ଭଳି ନେତାଙ୍କୁ ବି ସେ ପଛରେ ପକାଇ ଦେଇଥିଲେ । ଏଇ ନିକଟରେ ଜୟଦେବ ତାଙ୍କର ପ୍ରଥମ ନିର୍ବାଚନ ଜିଣା ଆଉ ରାଜଦୂତ କିଣା ଉପରେ ବଖାଣିଛନ୍ତି ।

ନିରଞ୍ଜନ ପଟ୍ଟନାୟକଙ୍କ ସହ ସେ ଜାନକୀ ପଟ୍ଟନାୟକଙ୍କ ଘରକୁ ଯାଇଥିଲେ । ନିର୍ବାଚନ ଖର୍ଚ୍ଚ ବାବଦରେ ତତ୍କାଳୀନ ପିସିସି ସଭାପତି ଜାନକୀ ବାବୁ ତାଙ୍କୁ ୬୦ ହଜାର ଟଙ୍କା ଦେଇଥିଲେ । ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ତାଙ୍କର ପରିସ୍ଥିତି ନଥିଲା । ପରେ ସେ ଜିତିବେ ବୋଲି ଜାଣିବା ପରେ ଜାନକୀ ବାବୁ ଆଉ ୨୦ ହଜାର ଟଙ୍କା ପଠାଇଥିଲେ । ହେଲେ ସେ ଟଙ୍କା ତାଙ୍କର ବଳି ପଡ଼ିଥିଲା । ସାଇକେଲରେ ବୁଲିକି ସେ ନିର୍ବାଚନ ପ୍ରଚାର କରୁଥିଲେ । ତେଣୁ ମୋଟର ସାଇକେଲଟେ କିଣିବାକୁ କର୍ମୀମାନେ କହିଥିଲେ । ସେ ୧୦ ହଜାର ଟଙ୍କା ଦେଇ ରାଜଦୂତ ମୋଟର ସାଇକେଲଟେ କିଣିଥିଲେ । ଏବେବି ସେହି ୫୪୪୪ ରାଜଦୂତ ଗାଡ଼ିକୁ ସେ ସାଇତିକି ରଖିଛନ୍ତି ।

## ଶିକ୍ଷକରୁ ଶିକ୍ଷାମନ୍ତ୍ରୀ

ଶିକ୍ଷକରୁ ଶିକ୍ଷାମନ୍ତ୍ରୀ, କର୍ମୀରୁ ପିସିସି ସଭାପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି ଜୟଦେବ ଜେନା । ୧୯୮୦, ୧୯୮୫, ୧୯୯୫ ଓ ୨୦୦୪ରେ ସେ ଆନନ୍ଦପୁରରୁ ବିଧାୟକ ହୋଇଥିଲେ । ଜାନକୀବାବୁଙ୍କ ସରକାରରେ ସେ ମନ୍ତ୍ରୀ ମଧ୍ୟ ରହିଥିଲେ । ଆନନ୍ଦପୁରରେ ସେ ସର୍ବାଧିକ ୪ ଥର ବାଜିମାତ୍ କରିଥିଲେ । ଏଯାଏଁ ଆନନ୍ଦପୁରରେ ଜୟଦେବଙ୍କୁ ଛାଡ଼ିଦେଲେ ଆଉ କେହି ମନ୍ତ୍ରୀ ହେବାର ବି ସୌଭାଗ୍ୟ ଲାଭ କରିନାହାନ୍ତି ।

## ଆନନ୍ଦପୁରରୁ ଲଢ଼ିଛନ୍ତି ୧୦ ଥର

୧୯୮୦ରୁ ୨୦୨୪ । ଆନନ୍ଦପୁରରୁ ୧୦ ଥର ଲଢ଼ିଛନ୍ତି ଜୟଦେବ ଜେନା । ୧୯୮୦, ୧୯୮୫, ୧୯୯୫ ଓ ୨୦୦୪ରେ ସେ ଜିତିଥିବାବେଳେ ୧୯୯୦, ୨୦୦୦, ୨୦୦୯, ୨୦୧୪, ୨୦୧୯ ଓ ୨୦୨୪ରେ ନିର୍ବାଚନ ହାରିଥିଲେ ।

# ‘ଦୁର୍ଗାଙ୍କ’ ରାସ୍ତାରେ ‘ସୌଭାଗ୍ୟ’ କଣ୍ଟା



କେନ୍ଦ୍ରାପଡ଼ାର ଏକମାତ୍ର ବିଜେପି ବିଧାୟକ ହେଉଛନ୍ତି ଦୁର୍ଗା ପ୍ରସନ୍ନ ନାୟକ। ୨୦୨୪ ନିର୍ବାଚନରେ ବିଜେଡ଼ିର ହେଭିୱେଟ୍ ନେତା, ତିନିଥରିଆ ବିଧାୟକ ଓ ବହୁବାର ମନ୍ତ୍ରୀ ଥିବା ଅତନୁ ସବ୍ୟସାଚୀ ନାୟକଙ୍କୁ ସେ ପରାସ୍ତ କରିଥିଲେ। ଏକପାଖିଆ ଭାବେ ୩୦ ହଜାରରୁ ଉର୍ଦ୍ଧ୍ୱ ଭୋଟ୍‌ରେ ହରାଇ ସେ ଚର୍ଚ୍ଚାରେ ଥିଲେ। ଏବେ ବିଜେପି ସରକାର ଥିବାବେଳେ କେନ୍ଦ୍ରାପଡ଼ାର ସାଂସଦ ଅଛନ୍ତି ବୈଜୟନ୍ତ ପଣ୍ଡା। ନିକଟରେ ସେ ଜିଲ୍ଲା ଯୋଜନା କମିଟିର ଅଧକ୍ଷ ହେବା ସହ ପୂର୍ବାପେକ୍ଷା କ୍ଷମତାଶାଳୀ ହୋଇଛନ୍ତି। ତେଣୁ ପଞ୍ଚାୟତ ନିର୍ବାଚନରେ ଅତନୁଙ୍କୁ ପୁଣି ମାତ୍ ଦେବାକୁ ସେ ଯୋଜନା କରିଛନ୍ତି।

**କେନ୍ଦ୍ରାପଡ଼ାରୁ ଉତ୍କଳ କେଶରୀ ପାହାଡସିଂ**

ପଞ୍ଚାୟତ ମହାସମର ପାଇଁ ଦୁର୍ଗା ପ୍ରସ୍ତୁତ ହେଉଥିବାବେଳେ ତାଙ୍କ ପାଇଁ କଣ୍ଟା ସାଜିବାକୁ ଯାଉଛନ୍ତି ସୌଭାଗ୍ୟ ପରିଡ଼ା। ବିରୋଧୀଙ୍କୁ ବାଦ୍ ଦେଇ ନିଜ ଦଳର ଜଣେ ନେତା ଏବେଠାରୁ ବିଧାୟକଙ୍କୁ ଖୁଲମ୍ ଖୁଲା ବିରୋଧ କରୁଥିବା ଦେଖିବାକୁ ମିଳୁଛି। ଭାରତୀୟ ଜନତା ପାର୍ଟି ଦଳର ନେତା ଥାଇ ଡ.ସୌଭାଗ୍ୟ ପରିଡା ବିଭିନ୍ନ ସମୟରେ ବିଧାୟକ ଡ଼. ଦୁର୍ଗା ପ୍ରସନ୍ନଙ୍କୁ ଅକଳରେ ପକାଉଥିବା ଦେଖିବାକୁ ମିଳୁଛି। କେତେବେଳେ ନିର୍ବାଚନମଣ୍ଡଳୀରେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ଭୁଷୁଡି ପଡ଼ିବା ଅଭିଯୋଗ ଆଣି ତ ପୁଣି କେତେବେଳେ ସ୍ଥାନୀୟ ଅଞ୍ଚଳରେ ପିଇବା ପାଣି ସମସ୍ୟା କଥା ଉଠାଇ ସିଧା ସଳଖ ବିଧାୟକଙ୍କ ଉପରେ ଦୋଷ ଲଦୁଛନ୍ତି। ସାମାଜିକ ଗଣମାଧ୍ୟମରେ ଭିଡ଼ିଓ ଫୁଟେଜ ଛାଡ଼ିବା ସହିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଡାକି ବିବୃତ୍ତି ଦେଉଛନ୍ତି। ଏତିକିରେ ସେ ଅଟକି ଯାଇନାହାନ୍ତି, ବରଂ ନିର୍ବାଚନଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ନାନା କାର୍ଯ୍ୟକ୍ରମରେ ଯୋଗଦେଇ ସୌଭାଗ୍ୟ ସମାନ୍ତରାଳ ଭାବେ ନିଜର ସଂଗଠନ ବଢ଼ାଇବାରେ ଲାଗିପଡିଛନ୍ତି। ବିଶେଷ କରି ଦୁର୍ଗାଙ୍କ ଭୋଟ ବ୍ୟାଙ୍କ କୁହାଯାଉଥିବା ଯୁବ ଗୋଷ୍ଠୀଙ୍କୁ ସୌଭାଗ୍ୟ ନିଜ ଆଡକୁ ଆକୃଷ୍ଟ କରିବାକୁ ଚେଷ୍ଟା ଜାରି ରଖିଥିବା ଦେଖିବାକୁ ମିଳୁଛି। ଅବଶ୍ୟ ଏଥିରେ ସୌଭାଗ୍ୟ କେତେ ସଫଳ ହେବେ ତାହା ସମୟ କହିବ। କିନ୍ତୁ ସ୍ୱୀକାର କରିବାକୁ ପଡ଼ିବଯେ, କିଛି ମାତ୍ରାରେ ହେଲେ ମଧ୍ୟ ଯୁବ ଗୋଷ୍ଠୀ ଯଦି ସୌଭାଗ୍ୟଙ୍କ କ୍ୟାମ୍ପକୁ ଚାଲିଯାଆନ୍ତି ତେବେ ପଞ୍ଚାୟତ ନିର୍ବାଚନରେ ଦୁର୍ଗାଙ୍କୁ ନିହାତି ଅପୂରଣୀୟ କ୍ଷତି ସହିବା ପାଇଁ ପଡିବ।

## କିଏ ସେ ସୌଭାଗ୍ୟ



ଡ.ସୌଭାଗ୍ୟ ପରିଡା ହେଉଛନ୍ତି ୨୦୨୨ ପଞ୍ଚାୟତ ନିର୍ବାଚନରେ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ୨୦ ନଂ ଜୋନ୍‌ର ଜିଲ୍ଲାପରିଷଦ ପ୍ରାର୍ଥୀ। ଭାରତୀୟ ଜନତା ପାର୍ଟି ଦଳରୁ ପ୍ରାର୍ଥୀ ହୋଇ ସୌଭାଗ୍ୟ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ବିଜେଡ଼ିର ଜିଲ୍ଲା ପରିଷଦ ପ୍ରାର୍ଥୀ ସୁବୋଧ କୁମାର ଲେଙ୍କାଙ୍କ ଠାରୁ ପରାଜିତ ହୋଇଥିଲେ। ସେତେବେଳେ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ସୌଭାଗ୍ୟଙ୍କ ପାଇଁ ନିର୍ବାଚନୀ ପ୍ରଚାର ମଇଦାନକୁ ମଧ୍ୟ ଓହ୍ଲାଇ ଥିଲେ।

## କାହିଁକି ହେଲା ମତଭେଦ?

୨୦୨୨ ପଞ୍ଚାୟତ ନିର୍ବାଚନରେ ଜିଲ୍ଲାପରିଷଦ ପ୍ରାର୍ଥୀ ଭାବେ ଲଢ଼ି ପରାଜିତ ହେବାପରେ ସୌଭାଗ୍ୟ ପରିଡା ନିଜର ସଂଗଠନ ସଜାଡ଼ିବା କାମ ଜାରି ରଖିଥିଲେ। ସେତେବେଳେ ବିଧାୟକ ପ୍ରାର୍ଥୀ ଭାବେ ଦାବିଦାର ଥିବା ବରିଷ୍ଠ ନେତା ସ୍ୱର୍ଗତ ବିଜୟ ପ୍ରଧାନଙ୍କ ଅବର୍ତ୍ତମାନରେ ସୌଭାଗ୍ୟ ପରିଡା ହୋଇଯାଇଥିଲେ ଆଶୀୟ ବିଧାୟକ ପ୍ରାର୍ଥୀ। ଏମିତିକି ତାଙ୍କୁ ହିଁ ବିଧାୟକ ପ୍ରାର୍ଥୀ ଭାବେ ଦଳ ଟିକେଟ ଦେବ ବୋଲି ନିର୍ବାଚନ ମଣ୍ଡଳୀରେ କହିବୁଲି ସେ ନିଜର ସଂଗଠନ ବଢ଼ାଇବା କାର୍ଯ୍ୟରେ ଲାଗିପଡିଥିଲେ। କିନ୍ତୁ ଦଳୀୟ ହାଇକମାଣ୍ଡ ବିଧାୟକ ପ୍ରାର୍ଥୀ ଭାବେ ଯୁବ ଚେହେରା ଡ.ଦୁର୍ଗା ପ୍ରସନ୍ନଙ୍କ ନାମକୁ ମୋହର ମାରିବା ପରେ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଶୀତଳ ଯୁଦ୍ଧ। ବିଭିନ୍ନ ସମୟରେ ଦୁର୍ଗାଙ୍କ କ୍ୟାମ୍ପରୁ ଅଭିଯୋଗ ମଧ୍ୟ ଆସେଯେ, କାଳେ ଦୁର୍ଗାଙ୍କୁ ହରାଇବା ପାଇଁ ବିରୋଧୀ ଦଳର ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀଙ୍କ ସହିତ ଗୋପନରେ ହାତ ମିଳାଇଥିଲେ ସୌଭାଗ୍ୟ ପରିଡା!

## କାହିଁକି ହେଉନି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ?

ନିଜ ଦଳର ଜଣେ ବିଧାୟକଙ୍କୁ ବାରମ୍ବାର ସର୍ବ ସମ୍ମୁଖରେ ଖୁଲମ ଖୁଲା ବିରୋଧ କରୁଥିଲେ ବି ସୌଭାଗ୍ୟ ପରିଡାଙ୍କ ଉପରେ, ଦଳ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ଏ କଥା ମଧ୍ୟ ଆମ ଭଳି ଅନେକଙ୍କୁ ବିସ୍ମିତ କରୁଛି। ତେବେ ଏକ ବିଶେଷ ସୂତ୍ର ଅନୁସାରେ ସାଂସଦ ବୈଜୟନ୍ତ ପଣ୍ଡା ଏବଂ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଗୁଡବୁକ୍ ରେ ସୌଭାଗ୍ୟ ପରିଡାଙ୍କ ନାମ ରହିଛି। ସେହିପରି ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ପ୍ରଥମ କରି ପ୍ରତିନିଧିତ୍ୱ କରିବାର ସୁଯୋଗ ଦଳକୁ ମିଳିଥିବାରୁ ଦଳ ଚାହୁଁନାହିଁ ହଠାତ୍ ସୌଭାଗ୍ୟଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ସଂଗଠନକୁ କିଛି ମାତ୍ରାରେ ହେଲେ ମଧ୍ୟ ଦୁର୍ବଳ କରିଦେବାପାଇଁ। ଅନ୍ୟପକ୍ଷରେ ଖବର ମିଳୁଛିଯେ, ପଞ୍ଚାୟତ ନିର୍ବାଚନ ପୂର୍ବରୁ ସୌଭାଗ୍ୟ ପରିଡା ଯଦି ବିଧାୟକ ଡ଼.ନାୟକଙ୍କୁ ସମାଲୋଚନା ବା ବିରୋଧ କରିବାରୁ ବିରତ ନହୁଅନ୍ତି ତେବେ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଶେଷରେ ହକ୍ ପାଇଲେ ଭିଡି ସତୀଶନ୍

**ଚିତ୍ତରଞ୍ଜନ ମହାନ୍ତି, କଟକ**



କେରଳର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ଭି.ଡି.ସତୀଶନ୍। ନିର୍ବାଚନ ଶେଷ ହେବାର ୧୦ ଦିନ ପରେ ଭି.ଡି. ସତୀଶନ୍‌ଙ୍କ ନାମରେ ମୋହର ମାରିଛନ୍ତି କଂଗ୍ରେସ ହାଇକମାଣ୍ଡ। ତେବେ ଏତେ ଦିନ ଲାଗିବାର କାରଣ ହେଉଛି ତିନି ଜଣ ନେତାଙ୍କ ଭିତରୁ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ, ସେନେଇ ବଡ କସରତ କରିଛନ୍ତି କଂଗ୍ରେସର କେନ୍ଦ୍ରୀୟ ନେତାମାନେ। କଂଗ୍ରେସର ଜାତୀୟ ସଙ୍ଗଠନ ସମ୍ପାଦକ କେ.ସି. ଭେନୁଗୋପାଲଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ରାହୁଲ ଗାନ୍ଧୀ ଚାହୁଁଥିଲେ। ଖାଲି ସେତିକି ନୁହେଁ ନବନିର୍ବାଚିତ ୬୩ ଜଣ ବିଧାୟକଙ୍କ ମଧ୍ୟରୁ ଅନେକ ବିଧାୟକ କେରଳ ମୁଖ୍ୟମନ୍ତ୍ରୀ ପଦ ପାଇଁ ଭେନୁଗୋପାଲଙ୍କୁ ସମର୍ଥନ କରିଥିଲେ। ସେପଟେ ତୃଣମୂଳ ସ୍ତରର କର୍ମୀ ଓ ୩ ସହଯୋଗୀ ରାଜନୈତିକ ଦଳ କିନ୍ତୁ ଅଡି ବସିଥିଲେ ଭି.ଡି. ସତୀଶନ ହେବେ ମୁଖ୍ୟମନ୍ତ୍ରୀ। ଏଭଳି କ୍ଷେତ୍ରରେ ମଝିମଝିଆ ବାଟ ବାହାର କରି ସୋନିଆ ଗାନ୍ଧୀ ବରିଷ୍ଠ କଂଗ୍ରେସ ନେତା ରମେଶ ଚେନ୍ନିଥାଲାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଥିଲେ। ଏମିତି ସମୟରେ ଭିଡ଼ି ସତୀଶନଙ୍କ ସମର୍ଥନରେ ବାହାରିଥିଲେ ପ୍ରିୟଙ୍କା ଗାନ୍ଧୀ। ଦୀର୍ଘ ୫ ବର୍ଷ ଧରି କେରଳ ବିଧାନସଭାରେ ବିରୋଧୀ ଦଳର ନେତା ଭାବେ ତାଙ୍କର ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ଥିଲା। ତାଙ୍କୁ ମୁଖ୍ୟମନ୍ତ୍ରୀ ନକଲେ ତୃଣମୂଳ ସ୍ତରରେ କାର୍ଯ୍ୟକର୍ତ୍ତାଙ୍କ ସାମ୍ନାରେ ଦଳର ଛବି ଖରାପ ହେବ ବୋଲି ପ୍ରିୟଙ୍କା ମତ ଦେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍‌ଙ୍କୁ ଶାଣିତ ବିରୋଧ କରିବା ସହ ଅନେକ ଗରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବାମ ଦଳକୁ କଡା ଚ୍ୟାଲେଞ୍ଜ ଦେଇ ଜନତା ଏବଂ ସହଯୋଗୀଦଳଙ୍କର ବିଶ୍ୱାସ ଜିଣିବାରେ ସଫଳ ହୋଇଥିବା ସତୀଶନ୍‌ଙ୍କ ପାଇଁ ସହଯୋଗୀ ଦଳମାନେ ବି ଲବି କରିବା ଆରମ୍ଭ କରିଦେଇଥିଲେ। ବିଧାନସଭାରେ ଆଇୟୁଏମ୍‌ଏଲ୍‌ର ୨୨, କେରଳ କଂଗ୍ରେସର ୭ ଜଣ ଓ ଆରଏସ୍‌ପିର ୩ ଜଣ ବିଧାୟକ ସତୀଶନଙ୍କୁ ଦୃଢ଼ ସମର୍ଥନ କରିଥିଲେ। ଖାଲିସେତିକି ନୁହେଁ କେ.ସି.ଭେନୁଗୋପାଲଙ୍କ ମୁଖ୍ୟମନ୍ତ୍ରୀତ୍ୱକୁ ସମର୍ଥନ କରୁଥିବା ବିଧାୟକମାନଙ୍କୁ ସେମାନଙ୍କର ନିର୍ବାଚନମଣ୍ଡଳୀରେ କର୍ମୀମାନଙ୍କର ଦୃଢ଼ ବିରୋଧର ସମ୍ମୁଖୀନ ହେବାକୁ ପଡିଲା। ପରିସ୍ଥିତି ଏମିତି ହେଲା ଯେ, ଭୋଟରଙ୍କୁ ଧନ୍ୟବାଦ ଜ୍ଞାପନ କରିବା ପାଇଁ ବି ଭେନୁଗୋପାଲଙ୍କୁ ସମର୍ଥନ କରୁଥିବା ବିଧାୟକମାନେ ନିଜ ନିର୍ବାଚନମଣ୍ଡଳୀ ଯାଇପାରିଲେ ନାହିଁ।

ଚଳିତ ବିଧାନସଭା ନିର୍ବାଚନରେ ଯଦି ୟୁଡିଏଫ୍ ୧୦୦ରୁ ଅଧିକ ଆସନ ନଜିତେ ତେବେ ରାଜନୀତିରୁ ସନ୍ୟାସ ନେବେ ବୋଲି ଦମ୍ଭୋକ୍ତି କରିଥିବା ସତୀଶନ୍‌ଙ୍କର ଆଉ ଏକ ବଡ ଶକ୍ତି ଥିଲା ଆଇୟୁଏମ୍‌ଏଲର ଦୃଢ଼ ସମର୍ଥନ। କେରଳୀମାନଙ୍କ ନିକଟରେ ଜଣେ ସେକ୍ୟୁଲାର ନେତାର ଛବି ନିର୍ମାଣ କରିବାରେ ବି ସଫଳ ହୋଇଛନ୍ତି। କେରଳର ତୃଣମୂଳ ସ୍ତରରେ ଆଇୟୁଏମ୍‌ଏଲ୍‌ର ଦୃଢ଼ ସଙ୍ଗଠନ ଥିବାବେଳେ ୨୦୧୯ ଓ ୨୦୨୪ରେ ୱାୟନାଡରେ ରାହୁଲ ଗାନ୍ଧୀଙ୍କ ବିଜୟ କିମ୍ବା ସେଠାରେ ଉପନିର୍ବାଚନରେ ପ୍ରିୟଙ୍କା ଗାନ୍ଧୀଙ୍କ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ଆଇୟୁଏମ୍‌ଏଲ୍। ତେଣୁ ଏହାର ମତାମତକୁ ଅଣଦେଖା କରିବା ବି କଂଗ୍ରେସ ପାଇଁ ସମ୍ଭବ ନଥିଲା। କେରଳ ବିଧାନସଭା ନିର୍ବାଚନ ଯାହା ନେତୃତ୍ୱରେ ଲଢ଼ାଯାଇଥିଲା ସେ ହିଁ କେବଳ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ଏହା ତୃଣମୂଳ ସ୍ତରର କର୍ମୀ ଠାରୁ ଆରମ୍ଭ କରି ସହଯୋଗୀ ରାଜନୈତିକ ଦଳମାନେ ବି ଚାହୁଁଥିଲେ।

ଏହାଛଡା କେ.ସି. ଭେନୁଗୋପାଲଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଚୟନ କଲେ କଂଗ୍ରେସକୁ ୨ଟି ଉପନିର୍ବାଚନ ଲଢ଼ିବାକୁ ପଡିଥାନ୍ତା। ବର୍ତ୍ତମାନ ସାଂସଦ ଥିବା ଭେନୁଗୋପାଳ ଇସ୍ତଫା ଦେଇ ରାଜ୍ୟ ବିଧାନସଭାରେ ଯୋଗ ଦେଇଥାନ୍ତେ। ସେଥିପାଇଁ ମଧ୍ୟ କେହି ଜଣେ ବିଧାୟକ ଇସ୍ତଫା ଦେବା ପରେ ଉପନିର୍ବାଚନ ଲଢ଼ି ଭେନୁଗୋପାଲଙ୍କୁ ବିଧାନସଭାକୁ ଆସିବାକୁ ପଡିଥାନ୍ତା। ଅତୀତରେ ରାଜସ୍ଥାନର ରାଜ୍ୟସଭାରେ ଏମ୍‌ପି ଥିବା ଭେନୁଗୋପାଲ କେରଳରୁ ୨୦୨୪ ଲୋକସଭା ନିର୍ବାଚନ ଲଢ଼ିଥିଲେ। ସେଥିପାଇଁ ରାଜ୍ୟସଭାରୁ ଇସ୍ତଫା ଦେବା ପରେ ଉକ୍ତ ରାଜ୍ୟସଭା ସିଟ୍‌ଟି ମଧ୍ୟ ପରବର୍ତ୍ତୀ ସମୟରେ କଂଗ୍ରେସ ହାତରୁ ଖସିଯାଇଥିଲା ଏବଂ ସଦନରେ କଂଗ୍ରେସର ଜଣେ ସାଂସଦ ସଂଖ୍ୟା ବି କମିଯାଇଥିଲା। ତେଣୁ ଏଥର କଂଗ୍ରେସ ହାଇକମାଣ୍ଡ ତାହା କରିବାକୁ ଚାହିଁନଥିଲେ। ନିକଟରେ ତାମିଲନାଡୁରେ ବିଜୟ ଲହର ଦେଖିବା ପରେ ତୃଣମୂଳ ସ୍ତରରେ କର୍ମୀ ଓ ଜନତାଙ୍କୁ ଅସନ୍ତୁଷ୍ଟ ନକରି କଂଗ୍ରେସ ହାଇକମାଣ୍ଡ ଭି.ଡି.ସତୀଶନ୍‌ଙ୍କ ନାମରେ ମୁଖ୍ୟମନ୍ତ୍ରୀ ଭାବେ ମୋହର ମାରିଛନ୍ତି।

**୧୯୬୪ରେ କୋଚି ନିକଟସ୍ଥ ନେତ୍ତୁର ଠାରେ ଜନ୍ମ ହୋଇଥିବା ୱଦାସେ୍ରୀ ଦାମୋଦରନ୍ ସତୀଶନ୍ (ଭି.ଡି. ସତୀଶନ୍) କେରଳର ୧୩ ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ପରବୁର ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ସତୀଶନ୍ ୧୯୮୬-୮୭ରେ କେରଳ ଷ୍ଟୁଡେଣ୍ଟ ୟୁନିଅନ୍‌ରୁ ରାଜନୀତିରେ ପାଦଦେଇଥିଲେ। ପରେ ସେ ଛାତ୍ର କଂଗ୍ରେସରେ ସାମିଲ୍ ହୋଇଥିଲେ। ୧୯୯୬ରେ ପରବୁର ଆସନରୁ ଜୀବନର ପ୍ରଥମ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିବା ସତୀଶନ୍ ୨୦୦୧ରେ ଏଠାରୁ ନିଜ ରାଜନୈତିକ ଜୀବନର ପ୍ରଥମ ବିଜୟ ହାସଲ କରିଥିଲେ। ଏହା ପରଠାରୁ ଆଉ ହାରି ନାହାନ୍ତି ସତୀଶନ୍।**

**୨୦୨୧ରେ କେରଳ ନିର୍ବାଚନରେ ହାରିବା ପରେ କଂଗ୍ରେସ ନେତୃତ୍ୱାଧିନ ୟୁଡିଏଫ୍ ଦଳକୁ ତୃଣମୂଳସ୍ତରରେ ଅନେକ ବିରୋଧର ସାମ୍ନା କରିବାକୁ ପଡିଲା। ଏହି ସମୟରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି କଂଗ୍ରେସ ଦଳ ବିଧାନସଭାରେ ସତୀଶନ୍‌ଙ୍କୁ ବିରୋଧି ଦଳର ନେତା ଘୋଷଣା କଲା। ଆଶ୍ଚର୍ଯ୍ୟର କାରଣ ଥିଲା ସତୀଶନ୍ ସେତେବେଳେ ଯାଏଁ କଂଗ୍ରେସର ଜଣେ ଦ୍ୱିତୀୟ ଧାଡିର ନେତା ଭାବେ ଗଣାହେଉଥିଲେ। ସେ ପୂର୍ବରୁ କଂଗ୍ରେସ ସରକାରରେ ମନ୍ତ୍ରୀ ହୋଇନଥିଲେ କିମ୍ବା ତାଙ୍କର କୌଣସି ପ୍ରଶାସନିକ ଅଭିଜ୍ଞତା ନଥିଲା। କିନ୍ତୁ ତୃଣମୂଳ ସ୍ତରରେ ସଙ୍ଗଠନ ବଡ ଦୃଢ଼ ଥିଲା। ସେ ବିଧାନସଭାରେ ପିନରାଇ ବିଜୟନ୍‌ଙ୍କ ଦଳକୁ କଡା ଟକ୍କର ଦେବା ଆରମ୍ଭ କଲେ। ଖାଲି ସେତିକି ନୁହେଁ ୫ ବର୍ଷ ଭିତରେ ସେ କେରଳ ରାଜନୀତିର ଚିତ୍ର ବି ବଦଳାଇ ଦେଲେ।**

# ପଞ୍ଚାୟତ ହାତେଇ ପାରିବ କି ବିଜେପି ?

**୨୦୨୪ ବିଧାନସଭା ନିର୍ବାଚନରେ ଓଡ଼ିଶାର ରାଜନୈତିକ ଦୃଶ୍ୟପଟ୍ଟ ବଦଳିଯାଇଛି । ପ୍ରଥମ ଥର ପାଇଁ ବିଜେପି ନିଜ ଦମ୍‌ରେ କ୍ଷମତାସୀନ ହୋଇଛି । ଅପରପକ୍ଷରେ ୨୪ ବର୍ଷ ଧରି କ୍ଷମତାରେ ଥିବା ବିଜେଡ଼ି ଏବେ ବିପକ୍ଷରେ ଅଛି। ବିଜେଡ଼ି ନିର୍ବାଚନରେ ହାରିଥିଲେବି ବିଜେପି ଠାରୁ ଅଧିକ ଭୋଟ୍ ପାଇଥିଲା । ସବୁଠାରୁ ବଡ଼କଥାଟି ହେଉଛି ଏବେବି ପଞ୍ଚାୟତଗୁଡ଼ିକ ବିଜେଡି ଦଖଲରେ ରହିଛି । ୨୦୨୪ରେ ରାଜ୍ୟ କ୍ଷମତା ହାତେଇବା ଭଳି ବିଜେପି ୨୦୨୭ରେ ପଞ୍ଚାୟତରେ ରାଜ୍ କରିବ କି ? ରାଜନୀତିକ ଅଳିନ୍ଦରେ ଏଭଳି ପ୍ରଶ୍ନ ଘୂରିବୁଲୁଛି ।**

**ଇଂ ଲକି ସ୍ୱାଇଁ, ଭଦ୍ରକ**

ବର୍ତ୍ତମାନ ସ୍ଥିତିରେ ବିଜେପି ନିଶ୍ଚିତ ଭାବେ ରାଜନୈତିକ ଭାବେ ଅଗ୍ରଣୀ ଦେଖାଯାଉଛି । କିନ୍ତୁ ଗ୍ରାମାଞ୍ଚଳ ରାଜନୀତି କେବଳ ସରକାର ଗଠନ କିମ୍ବା ବିଧାନସଭା ସଫଳତା ଉପରେ ନୁହେଁ, ଏହା ସ୍ଥାନୀୟ ନେତୃତ୍ୱ, ବିଶ୍ୱାସ ଏବଂ ଦଳୀୟ ସଂଗଠନ ଉପରେ ମୁଖ୍ୟତଃ ନିର୍ଭର କରେ । ବିଜେପି ଆଜି କେନ୍ଦ୍ର ଏବଂ ରାଜ୍ୟ — ଉଭୟ ସରକାରରେ ରହିବାର ଲାଭ ପାଉଛି । ପଶ୍ଚିମ, ଉତ୍ତର ଓ ଆଦିବାସୀ ଅଞ୍ଚଳରେ ଦଳର ସଂଗଠନ ପୂର୍ବପେକ୍ଷା ବହୁତ ମଜବୁତ ହୋଇଛି । ଯେଉଁ ଜିଲ୍ଲାଗୁଡ଼ିକରେ ବିଜେପି ପୂର୍ବରୁ ଦୁର୍ବଳ ଥିଲା, ସେଠାରେ ଏବେ ବିଧାୟକ ଓ ସାଂସଦମାନେ ବୁଥସ୍ତରରେ ବି ସକ୍ରିୟ ହୋଇ ସଂଗଠନ ଆରମ୍ଭ କରିଦେଇଛନ୍ତି ।

ସେହିପରି ବିରୋଧୀ ଶିବିରରେ ଚାଲିଥିବା ହଟଚମଟ ବି ବିଜେପିକୁ ସୁହାଇଛି କହିଲେ ଭୁଲ୍ ହେବନାହିଁ । କଂଗ୍ରେସରେ ଏବେ ଗୋଷ୍ଠୀକନ୍ଦଳ ଜୋର୍ ଧରିଛି । ଦିଲୀପ ରାୟଙ୍କ ରାଜ୍ୟସଭା ନିର୍ବାଚନ ସମୟରେ କଂଗ୍ରେସର ତିନି ଜଣ ବିଧାୟକ ଦଳୀୟ ନିଷ୍ପତ୍ତି ବିରୋଧରେ ଭୋଟ ଦେଇଥିବା ଘଟଣା ଦଳକୁ ଅକଳରେ ପକାଇଛି । କଂଗ୍ରେସର ନେତାଙ୍କ ମଧ୍ୟରେ ସୁସମନ୍ୱୟ ନଥିବାରୁ ୨୦୨୭ ପଞ୍ଚାୟତ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ମନେହେଉନାହିଁ ।

ସେପଟେ ବିଜେଡ଼ି କ୍ଷମତା ହରାଇଥିଲେ ମଧ୍ୟ ଗ୍ରାମାଞ୍ଚଳରେ ଶକ୍ତିଶାଳୀ ଭୋଟ ବ୍ୟାଙ୍କ ଏବେ ମଧ୍ୟ ରହିଛି । ମହିଳା ଭୋଟର, ପଞ୍ଚାୟତ ସ୍ତରର ସଂଗଠନ ଏବଂ ସ୍ଥାନୀୟ ନେଟୱର୍କରେ ବିଜେଡିର ପ୍ରଭାବ ଏବେ ମଧ୍ୟ ଦେଖାଯାଉଛି । ନେତାଙ୍କ ମଧ୍ୟରେ କ୍ଷମତା କନ୍ଦଳ ଜୋର ଚାଲିଥିବାରୁ କିଛିଦିନ ପାଇଁ ବିଜେଡ଼ି ଦୁର୍ବଳ ହୋଇ ପଡୁଥିବା ମନେହେଉଥିଲା । କିନ୍ତୁ ଏବେ ନବୀନ ବାବୁ ପୂର୍ବାପେକ୍ଷା ସକ୍ରିୟ ହୋଇ ସଂଗଠନକୁ ସଜାଡୁଛନ୍ତି । ରାଜ୍ୟର ବଡ଼ ବଡ଼ ପ୍ରସଙ୍ଗରେ ଆକ୍ରାମକ ବିରୋଧୀ ଆନ୍ଦୋଳନର ଅଭାବ ବିଜେଡି କର୍ମୀ ଏବଂ ସମର୍ଥକଙ୍କୁ ଦୋଛକିରେ ପକାଇଦେଇଛି । ଅବଶ୍ୟ ପୂର୍ବାପେକ୍ଷା ବିଜେଡ଼ି ସକ୍ରିୟ ହେଉଥିବାରୁ ପ୍ରକୃତ ଚିତ୍ର ଆଉ ଦି ତିନି ମାସ ମଧ୍ୟରେ ହିଁ ସ୍ପଷ୍ଟ




ହୋଇପାରିବ । ବିଜେଡ଼ି ତ୍ରିଶଙ୍କୁ ଅବସ୍ଥାରେ ଥିଲେବି ଏହା ରାଜନୈତିକ ପ୍ରତିଯୋଗିତାରୁ ବାହାରେ ବୋଲି କହିହେବ ନାହିଁ ।

ଅପରପକ୍ଷରେ ଶାସକ ବିଜେପି ପାଇଁ ସବୁଠାରୁ ବଡ଼ ଆହ୍ୱାନ ବିପକ୍ଷ ନୁହଁନ୍ତି । ବରଂ ନିଜ ଦଳର ବିସ୍ତାର ନୀତି ବୋଲି କୁହାଯାଇପାରିବ । ରାଜ୍ୟରେ ସରକାର ଗଠନ ପରେ ଅନେକ ପୂର୍ବତନ ବିଜେଡି ନେତା ବିଜେପିରେ ଯୋଗ ଦେଇଛନ୍ତି । ଆଗକୁ ମଧ୍ୟ ଯୋଗଦାନ ପ୍ରକ୍ରିୟା ଚାଲିବ । କିନ୍ତୁ ଏମାନଙ୍କ ମଧ୍ୟରୁ କିଛି ନେତାଙ୍କ ବିରୋଧରେ ଦୁର୍ନୀତି, ଅର୍ଥଲୋଭୀ ରାଜନୀତି ଏବଂ କ୍ଷମତାର ଦୁରୁପଯୋଗର ଅଭିଯୋଗ ପୂର୍ବରୁ ରହିଛି । ୨୦୨୪ ନିର୍ବାଚନରେ ମଧ୍ୟ ନବୀନ ପଟ୍ଟନାୟକଙ୍କ ପ୍ରଭାବ ଥିବା ସତ୍ତ୍ୱେ କିଛି ନେତାଙ୍କୁ ସାଧାରଣ ଭୋଟର ପ୍ରତ୍ୟାଖ୍ୟାନ କରିଥିଲେ ।ତାଙ୍କର ଦୁର୍ନୀତିଗ୍ରସ୍ତ ଏବଂ ଅର୍ଥକେନ୍ଦ୍ରିକ ଛବି ସ୍ଥାନୀୟ ମାଟିରେ ଗଭୀର ପ୍ରଭାବ ପକାଇଥିଲା । ଏବେ ଯଦି ସେହିପରି ନେତାମାନଙ୍କୁ ବିଜେପି ଭିତରେ ଗୁରୁତ୍ୱ ଦିଆଯାଏ, ତେବେ ସେମାନେ ଦଳ ପାଇଁ ସମ୍ପତ୍ତି ନୁହେଁ, ବରଂ ବୋଝରେ ପରିଣତ ହେବାର ଆଶଙ୍କା ରହିଛି । ତୃଣମୂଳସ୍ତରର ବିଜେପି କର୍ମୀମାନଙ୍କ ମଧ୍ୟରେ ବାହାରିଆ ନେତାଙ୍କ ବିରୋଧରେ ଅସନ୍ତୋଷ ଦେଖାଦେଇଛି । ଅନ୍ୟ ଦଳରୁ ନେତା ଆସିବାରେ ସମସ୍ୟା ନାହିଁ, କିନ୍ତୁ ଲୋକମାନଙ୍କ ଦ୍ୱାରା ପୂର୍ବରୁ ଅସ୍ୱୀକୃତ ଓ ଦୁର୍ନୀତି ଅଭିଯୋଗରେ ଘେରା ନେତାଙ୍କୁ ଆଣିବା ଦଳର ଆଦର୍ଶ ଏବଂ ଛବିକୁ କ୍ଷତି ପହଞ୍ଚାଇପାରେ । ସେହିପରି ସେମାନଙ୍କୁ ମୁଣ୍ଡରେ ବସାଇଲେ ବିଜେପିର ତୃଣମୂଳସ୍ତରର କାର୍ଯ୍ୟକର୍ତ୍ତା ଖପ୍ପା ହେବାର ଆଶଙ୍କା ରହିଛି । ଯାହାକି ପଞ୍ଚାୟତ ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିପାରେ । ନିଜ ଦଳର ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କୁ ହରାଇବା ପାଇଁ ବି ସେମାନେ ଷଡ଼ଯନ୍ତ୍ର କରିପାରନ୍ତି ।

୨୦୨୭ ପଞ୍ଚାୟତ ନିର୍ବାଚନ ମୂଳତଃ ତିନୋଟି ପ୍ରଶ୍ନର ଉତ୍ତର ଦେବ । କ୍ଷମତାକୁ ଆସିବା ପରେ ବିଜେପି ନିଜ ଛବିକୁ ଅତୁଟ ରଖିପାରିବ କି? ବିଜେଡି ନିଜକୁ ପ୍ରକୃତ ବିପକ୍ଷ ଭାବେ ଉପସ୍ଥାପିତ କରି ବିକଳ୍ପ ହୋଇପାରିବ କି ? କଂଗ୍ରେସ ଓଡ଼ିଶାରେ ପୂର୍ବାପେକ୍ଷା ମଜବୁତ୍ ହୋଇପାରିବ କି ?

ବିଜେପିର ରାଜ୍ୟସ୍ତରୀୟ ନେତୃତ୍ୱମାନେ ଭୁଲିନଯିବା ଉଚିତ୍‌ଯେ, ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାର ଜନସାଧାରଣ ବିଜେପିର କର୍ମୀ ବା ନେତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବିଜେପିକୁ ବିଜୟୀ କରିନାହାନ୍ତି । ବରଂ ବିଜେଡିର ନେତୃତ୍ୱମାନଙ୍କର ଦୁର୍ନୀତି, ଅର୍ଥନୈତିକ ହେରଫେର ଛବି, କର୍ମୀ କମ୍ ଠିକାଦାର ବେଶୀ, କୁଜିନେତାମାନଙ୍କର ବିଶୃଙ୍ଖଳିତ ଆଚରଣ, ସରକାରୀ ଯୋଜନାର ହେରଫେର ଆଦି ଅନେକ ପ୍ରସଙ୍ଗ ଯାହାକି ବିଜେଡିଠାରୁ ଭୋଟରଙ୍କ ମନ ଫେରାଇ ନେଇଥିଲା । ୨୦୨୪ ନିର୍ବାଚନରେ ବହୁ ବୁଥ୍‌ରେ ବିଜେପି କର୍ମୀଙ୍କ ଭୋଟ କରାଇବାର ଭୂମିକା ଅତ୍ୟଧିକ ନଗଣ୍ୟ ଥିବା ବେଳେ, ସାଧାରଣ ଭୋଟରମାନେ ବିଜେଡି କୁଜିନେତାଙ୍କ ଉପରେ ବିତୃଷ୍ଣା ହୋଇ, ବିଜେପି ସପକ୍ଷରେ ଭୋଟ ଦେଇଥିଲେ । ଯାହାକି ଗଞ୍ଜାମ, ଯାଜପୁର ଆଦି ଜିଲ୍ଲାରେ ବିଜେଡିକୁ ଧରାଶାୟୀ କରିଦେଇଥିଲା ।

ଯଦି ବିଜେପି ଶାସନ ଏବଂ ସଂଗଠନ ମଧ୍ୟରେ ସମନ୍ୱୟ ରଖିପାରେ, ତେବେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଓଡ଼ିଶାର ପ୍ରଥମ ପସନ୍ଦ ହୋଇପାରିବ । କିନ୍ତୁ ଯଦି ଦଳ ଭୋଟରଙ୍କ ଭାବନାକୁ ଅଣଦେଖା କରି ଜନସାଧାରଣଙ୍କ ଦ୍ୱାରା ପୂର୍ବରୁ ପ୍ରତ୍ୟାଖ୍ୟାତ ବିଜେଡିରୁ ଆମଦାନୀ ନେତାଙ୍କ ଉପରେ ଅଧିକ ନିର୍ଭର କରେ, ତେବେ ଗ୍ରାମୀଣ ଭୋଟର ପୁଣିଥରେ ଅପ୍ରତ୍ୟାଶିତ ରାୟ ଦେଇପାରନ୍ତି ।

ଗର୍ବିତ ଓଡ଼ିଆ

# ପ୍ରତ୍ୟୁଷାଙ୍କ ଚାଲ୍ ପଣ୍ଡ କରିବ 'ଅରୁଣାସ୍ତ୍ର' !



ଏକଦା ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କର ଅତି ଘନିଷ୍ଠ ଥିଲେ କିଶୋର ଚନ୍ଦ୍ର ସାହୁ । ତାଙ୍କୁ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କରିବାରେ ବି ଅରୁଣଙ୍କର ବଡ଼ ଭୂମିକା ରହିଥିଲା । ହେଲେ ଅରୁଣଙ୍କୁ ଝଟକା ଦେବା ପାଇଁ କିଶୋର ବିଜେଡ଼ି ଛାଡ଼ି ଦେଇଥିଲେ । ଅରୁଣଙ୍କ ବିରୋଧୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ସହ ହାତ ମିଳାଇ ସେ ବିଜେପିରେ ସାମିଲ୍ ହୋଇଛନ୍ତି ।

ଅରୁଣଙ୍କୁ ଦୁର୍ବଳ କରିବା ପାଇଁ କିଶୋର-ପ୍ରତ୍ୟୁଷା ଯୋଜନା କରିଥିବାବେଳେ ସେମାନଙ୍କ ଚାଲ ପଣ୍ଡ କରିବାକୁ 'ଅରୁଣାସ୍ତ୍ର' ଛାଡ଼ିଛନ୍ତି ଅରୁଣ ସାହୁ । କିଶୋରଙ୍କ ବିଜେଡ଼ି ଛାଡ଼ିବା ନିଶ୍ଚିତ ଭାବେ ଅରୁଣଙ୍କୁ ଏକ ଝଟକା । କାହିଁକିନା ଗତ ନିର୍ବାଚନରେ ଅରୁଣ ମାତ୍ର ୪୫୦ ଭୋଟ୍‌ରେ ଜିତିଥିଲେ । କିଶୋର ବ୍ଲକ ଅଧ୍ୟକ୍ଷ ଥିବାବେଳେ, ବିଜେପିରେ ସାମିଲ୍ ହୋଇଥିବାରୁ ବହୁ ସରପଞ୍ଚ ଓ ସମିତିସଭ୍ୟ ବି ତାଙ୍କ ସହ ଯିବେବୋଲି ଆଶା ରଖିବା ସ୍ୱାଭାବିକ । ହେଲେ କିଶୋରଙ୍କୁ ଚେକ୍ ଦେବା ପାଇଁ ଅରୁଣ ବିଜେଡ଼ି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟଙ୍କୁ ମେଳି କରିବାରେ ସଫଳ ହୋଇଛନ୍ତି । କିଶୋରଙ୍କ ବିରୋଧରେ ଅନାସ୍ଥା ଆଣିବା ପାଇଁ ୪୫ ସରପଞ୍ଚ ଓ ସମିତିସଭ୍ୟ ଏକାଠି ହୋଇଛନ୍ତି । ଏମିତିକି ସେମାନେ ଅନାସ୍ଥା ପ୍ରସ୍ତାବ ପାଇଁ ଦସ୍ତଖତ ଦେଇଥିବା ଜାଣିବାକୁ ମିଳିଛି । ନୟାଗଡ଼ ବିଜେଡ଼ି କାର୍ଯ୍ୟାଳୟରେ ୪୫ ସରପଞ୍ଚ ଓ ସମିତିସଭ୍ୟ ଅରୁଣଙ୍କ ସହ ରହିବେ ବୋଲି ସଂକଳ୍ପ ନେଇଛନ୍ତି । ନୟାଗଡ଼ ବ୍ଲକରେ ୨୯ ପଞ୍ଚାୟତ ଥିବାବେଳେ ୫୮ ଜଣ ସରପଞ୍ଚ ଓ ସମିତିସଭ୍ୟ ରହିଛନ୍ତି । ସେହିପରି ବିଧାୟକ ଓ ସାଂସଦ ବି ଅନାସ୍ଥା ପ୍ରସ୍ତାବରେ ଭୋଟ୍ ଦେଇପାରିବେ । ଏଭଳି କ୍ଷେତ୍ରରେ ଅନାସ୍ଥା ପାଇଁ ମୋଟ୍ ୬୦ ଭୋଟ୍ ଥିବାବେଳେ ୪୫ ସରପଞ୍ଚ ଓ ସମିତିସଭ୍ୟଙ୍କ ସହ ଅରୁଣ ଅନାସ୍ଥା ପ୍ରସ୍ତାବରେ ଭୋଟ୍ ଦେଲେ କିଶୋର ବ୍ଲକ ଅଧ୍ୟକ୍ଷ ପଦରୁ ହଟିଯିବା ଥୟ। କାହିଁକିନା ଅନାସ୍ଥାରେ ଜିତିବା ପାଇଁ ବିଜେଡ଼ିକୁ ଦୁଇ ତୃତୀୟାଂଶ ଅର୍ଥାତ୍ ୪୧ ଭୋଟର ଆବଶ୍ୟକତା ରହିଛି । ତେବେ ପଞ୍ଚାୟତ ନିର୍ବାଚନ ପାଇଁ ଆଉ ଅଳ୍ପ ସମୟ ଥିବାରୁ ଅନାସ୍ଥା ପାଇଁ ଜିଲ୍ଲାପାଳ ଟାଳଟୁଳ ନୀତି ଅବଲମ୍ବନ କଲେ ଆଶ୍ଚର୍ଯ୍ୟ ହେବାର ନାହିଁ। ଅନେକ ପଞ୍ଚାୟତ ଓ ବ୍ଲକରେ ଜିଲ୍ଲାପାଳ ଓ ବିଡ଼ିଓମାନେ ଅନାସ୍ଥାକୁ ବିଳମ୍ବିତ କରିବାର ନଜିର ବି ରହିଛି ।

ସେପଟେ ବିଜେପିରେ ସାଙ୍ଗେସାଙ୍ଗେ ମିଶିପାରିନଥିବାରୁ କିଶୋର ଅଳରେ ପଡ଼ି ଯାଇଥିଲେ। ଥାଟ ପଟୁଆର ଧରି ସେ ବିଜେପି କାର୍ଯ୍ୟାଳୟରେ ମିଶିବାକୁ ଯୋଜନା କରିଥିଲେବି ରାଜ୍ୟ ବିଜେପି ପକ୍ଷରୁ ଅନୁମତି ମିଳିନଥିଲା । ବିଜେପି ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କ ଓଡ଼ିଶା ଗସ୍ତ ପାଇଁ ଏବେ ବିଜେପି ଶିବିର ଚଳଚଞ୍ଚଳ ହୋଇଯାଇଛି । ଘନଘନ ବୈଠକ ବି ବସୁଛି । ଯେଉଁଥିପାଇଁ କିଶୋରଙ୍କ ମିଶ୍ରଣ ପର୍ବ ବାତିଲ୍ ହୋଇଥିବା କିଶୋର ଓ ତାଙ୍କ ସମର୍ଥକମାନେ ମତପୋଷଣ କରିଥିଲେ । କିନ୍ତୁ ଏନେଇ ନକରାତ୍ମକ ପଲଟିକାଲ ନ୍ୟାରେଟିଭ୍ ଖେଳିଯିବାରୁ, ବାଧ୍ୟହୋଇ ପ୍ରତ୍ୟୁଷାଙ୍କ ସହ ଯାଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ପାଖରେ କିଶୋର ବିଜେପିରେ ସାମିଲ୍ ହୋଇଛନ୍ତି । ଆଗାମୀ ଦିନରେ ସେ ଶକ୍ତି ପ୍ରଦର୍ଶନ ପାଇଁ ଯୋଜନା କରିଥିବାବେଳେ ଚାଲ ପଣ୍ଡ କରିବାକୁ ଅରୁଣ ବି ନୟାଗଡ଼ରେ ଜଗି ବସିଛନ୍ତି । କିଶୋରଙ୍କ ଅପେକ୍ଷା ପ୍ରତ୍ୟୁଷାଙ୍କ ଉପରେ ଅରୁଣଙ୍କର ନଜର ରହିଛି । ଯଦି ଅରୁଣଙ୍କ ସହ ସଂଖ୍ୟାଧିକ ବିଜେଡ଼ି ସରପଞ୍ଚ ଓ ସମିତିସଭ୍ୟ ରୁହନ୍ତି ତେବେ ପ୍ରତ୍ୟୁଷାଙ୍କ ଚାଲ୍ ପଣ୍ଡ ହୋଇଯିବ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି ।

ଆଜ୍ଞା ଆମେ ସବୁବେଳେ ବିଧାୟକ, ସାଂସଦଙ୍କୁ ନେଇ ଚର୍ଚ୍ଚା କରୁଛେ । ହେଲେ ସରପଞ୍ଚ, ସମିତିସଭ୍ୟ, ବ୍ଲକ ଅଧ୍ୟକ୍ଷ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ବିଷୟରେ କିନ୍ତୁ ବେଶୀ ଚର୍ଚ୍ଚା କରୁନେ । 'ଗର୍ବିତ ଓଡ଼ିଆ' ପକ୍ଷରୁ ତୃଣମୂଳସ୍ତରର ନେତାଙ୍କ କାମ ଓ ସଂଗଠନ ଆଦି ବିଷୟରେ ଚର୍ଚ୍ଚା କରିବାର ଆମେ ଏକ ପ୍ରୟାସ କରିଛୁ । ଭଲ କାମ କରିଥିବା ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦମାନେ ବି ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ଆମକୁ ତଥ୍ୟ ପ୍ରଦାନ କରିପାରିବେ ।

# ସରପଞ୍ଚ ହେବ ତ ଏମିତି ?

## ଚମ୍ପେଇପାଳର ହିମାଂଶୁ ନାୟକ



ଯାଜପୁର ନିର୍ବାଚନମଣ୍ଡଳୀର ଦଶରଥପୁର ବ୍ଲକ ଅନ୍ତର୍ଗତ ଚମ୍ପେଇପାଳ ଗ୍ରାମ ପଞ୍ଚାୟତର ସରପଞ୍ଚ ହେଉଛନ୍ତି ହିମାଂଶୁ କୁମାର ନାୟକ । ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ସେ ୨୨୫୭ ଭୋଟ୍‌ରେ ବାଜିମାତ୍ କରିଥିଲେ । ବୟସ ମାତ୍ର ୩୯ ହୋଇଥିଲେବି ରାଜନୀତିରେ ସେ ବେଶ୍ ପୋଖତ ଖେଳାଳୀ ପାଲଟି ଯାଇଛନ୍ତି । ରାଜନୈତିକ ପରିବାରରୁ ଆସିଥିବାରୁ ଛାତ୍ର ସମୟରୁ ସେ ରାଜନୀତି ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । ଧିରେଧିରେ ସାଙ୍ଗଠନିକ ଦକ୍ଷତା ବୃଦ୍ଧି କରି ପ୍ରଣବ ପ୍ରକାଶ ଦାସଙ୍କ ଘନିଷ୍ଠ ସହଯୋଗୀ ପାଲଟି ଯାଇଥିଲେ । ୨୦୧୯ରେ ବବି ତାଙ୍କୁ ବିଜୁ ଯୁବ ବାହିନୀର ସଭାପତି କରିଥିଲେ । ବିପୁଳ ଭୋଟ୍‌ରେ ସରପଞ୍ଚ ନିର୍ବାଚନ ଜିତିବା ପରେ ସେ ଦଶରଥପୁର ବ୍ଲକ ସରପଞ୍ଚ ସଂଘର ସଭାପତି ହେବାର ବି ସୌଭାଗ୍ୟ ପାଇଛନ୍ତି । ହିମାଂଶୁଙ୍କ ନେତୃତ୍ୱରେ ଚମ୍ପେଇପାଳ ଗ୍ରାମ ପଞ୍ଚାୟତର ବିକାଶ କାର୍ଯ୍ୟକୁ ନେଇ ଦଶରଥପୁର ବ୍ଲକର ୩୫ ପଞ୍ଚାୟତରେ ବି ଚର୍ଚ୍ଚା ହୋଇଥାଏ । ବବି ଦାସଙ୍କୁ ଆଦର୍ଶ ମାନୁଥିବା ହିମାଂଶୁ ଆଗାମୀ ଦିନରେ ରାଜନୀତିର ଶିଡ଼ି ଚଢ଼ିବାକୁ ବି ଲକ୍ଷ୍ୟ ରଖିଛନ୍ତି ।

ସରପଞ୍ଚ ଭାବେ ସେ ଚମ୍ପେଇପାଳ ପଞ୍ଚାୟତରେ କି କି ବିକାଶ କରିଛନ୍ତି ତାହାର ଏକ ଛୋଟ ରିପୋର୍ଟ କାର୍ଡ଼ ବି ପ୍ରସ୍ତୁତ କରିଛନ୍ତି । ଗତ ୩ ବର୍ଷ ଭିତରେ ୫୦୦ରୁ ଅଧିକ ମଧୁବାବୁ ପେନସନ ପ୍ରଦାନ କରି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛି ଚମ୍ପେଇପାଳ । ଏହା ସହ ଶିକ୍ଷା ଓ ମନରେଗା କ୍ଷେତ୍ରରେ ବି ଶ୍ରେଷ୍ଠ ପୁରସ୍କାର ମିଳିଛି । ପ୍ରଧାନମନ୍ତ୍ରୀ ଆବାସ ସମ୍ପୂର୍ଣ୍ଣ କରିବାରେ ତାଙ୍କ ପଞ୍ଚାୟତ ଆଗରେ ଥିବା କୁହନ୍ତି ହିଂମାଶୁ । ହରିଶ୍ଚନ୍ଦ୍ର ଯୋଜନାର ସଫଳ ରୂପାୟନରେ ତାଙ୍କ ପଞ୍ଚାୟତ ଜିଲ୍ଲାରେ ନମ୍ବର ୱାନ ରହିଛି । ଏସବୁ ଭିତରେ ସବୁଠୁ ବଡ଼ କଥାଟି ହେଉଛି ପଞ୍ଚାୟତରେ ସେ ୫୦ ହଜାର ଗଛ ଲଗାଇବା ସହ ତାହାର ଯତ୍ନ ନେଇ ଉଦାହରଣ ସୃଷ୍ଟି କରିଛନ୍ତି । ସାଧାରଣତଃ ଫଟୋ ଉଠା ପାଇଁ ନେତାମାନେ ଗଛ ଲଗାନ୍ତି । କିନ୍ତୁ ହିମାଂଶୁ ଏହାର ବ୍ୟତିକ୍ରମ । ସେ ନିଜ ସହଯୋଗୀଙ୍କୁ ସାଙ୍ଗରେ ନେଇ ଗଛଗୁଡ଼ିକୁ ବଞ୍ଚାଇବା ଓ ବଢ଼ାଇବା ଦିଗରେ ବି ଧ୍ୟାନ ଦେଇଛନ୍ତି । ଏତଦ୍‌ବ୍ୟତୀତ ଚମ୍ପେଇପାଳ ପଞ୍ଚାୟତରେ ଶିଶୁ ଉଦ୍ୟାନ ଏବଂ ଅମୃତ ସରୋବରର ସୌନ୍ଦର୍ଯ୍ୟକରଣ, କୁଆଁରପୁର ମହିଁଷିଡିହ ପଡ଼ିଆର ବିକାଶ ଭଳି ଅନେକ କାମ ହାତକୁ ନେଇ ସେ ଲୋକଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି ।

## ମହାମୂର୍ଖ ଉବାଚ



| ଡ଼ଃ କୁଳାଙ୍ଗାର |

# କିଏ ସତେ ମାନିଲା?

ତେଲିଆ ମଣିଷ ତେଲ ବିନା କିବା
ପାରିବ ଏଠାରେ ରହି;
ତେଲ ତେଲ ବୋଲି ମରିବ ରଡିବ
କହ ପଛେ ଦେଶଦ୍ରୋହୀ!
ତେଲଠାରୁ ନାହିଁ ତ୍ରାହି,
ପରବର୍ତ୍ତୀ ବିଶ୍ୱ-ଯୁଦ୍ଧ ଯଦି ହେବ
ଦେଖିବ ସେ ତେଲ ପାଇଁ!!

ଦେଶୀ ଜିନିଷରେ ମନ ପୁରେନାଇଁ
ଇମ୍ପୋର୍ଟେଡ଼ଠାରେ ମନ ;
ଭିତରେ ତ ସବୁ ଚାଖି ସାରିଲୁଣି
ବାହାରକୁ ଟିକେ ଧ୍ୟାନ!
କରିବାକୁ ହନିମୁନ,
ଫରେନ ପ୍ୟାକେଜ ବୁକିଂ ନକଲେ
ମନା କରିଦେବ ଧନ!!

ସମସ୍ତେ ତ ବାବୁ ଅଫିସର ହେଲ
ବିଲକୁ ଯାଉନ କେହି;
ଅଳପ ଚାଷରେ ଅଧିକ ଫସଲ
ହୁଏ ସାର ବିଷ ଦେଇ!
ଯାଇଛି ଖପରା ହୋଇ,
ଜୈବିକ ଚାଷରେ ଅମଳ ଯା ହେବ
ମରିବା ଖାଦ୍ୟ ନପାଇ!!

ପାଣି ନମିଳିଲେ ଚଳିବ ମଣିଷ
ବଞ୍ଚିଯିବ ମଦ ପିଇ;
ଅଳପ ବଳକା ପ୍ରାଣରକ୍ଷା ହେବ
କୋକ ସୋଡା ଡେଣ୍ଟି ଦେଇ!
ତେଲ ବିନା ଗତି କାହିଁ,
ଲାଇନି ହେଉ କି ଫାଇନି ହେଉ
ସବୁ ଦେବୁ ତେଲ ପାଇଁ!

ତେଲଛଣା ଟିକେ ନଚାଖିଲେ
ଜିଭ ହେଉଅଛି ସଲସଲ;
ତେଲ ବିନା ଖାଦ୍ୟ ତଣ୍ଟିରେ
ଗଳେନା ଜୀବନଟି କଲବଲ!
ପକୋଡା ଚିଲି ଓ ଝୋଲ,
ନଖାଇଲେ ଆମେ ରହି ପାରିବୁନି
କେମିତି ଲାଗିବ ଭଲ??

ତମେ ଆମେ ସିନା ବନ୍ଧୁ ବିଭା ପାଇଁ
କିଣି ଥାଉ ଅଳ୍ପ ସୁନା;
କଣ କରିବେ ଦୁର୍ନୀତିଆ ଯିଏ
କ୍ୟାସ ବଦଳାନ୍ତି କରିଦେଲ ଯଦି ମନା!
ହେଇଟି ଆଡେ ଅନା,
ଲାଞ୍ଚ ଅଟକିଲେ କାମ ଠପ ହେବ
ଛିଡ଼ିବ ବିକାଶ ବାନା!

ଦେଶ ପାଇଁ ଏହି ଆହ୍ୱାନ ଶୁଭଇ
କାନକୁ ତ ଭାରି ଭଲ;
ସତରେ ଏହାକୁ ମାନିକି ଚଳିବା
ଲୋକ କିଏ ଅଛ ବୋଲ?
ମହାମୂର୍ଖ ପରି କାଲ,
ଶୁଣିକରି ପାଦ କାଢିଲା ବେଳକୁ
ଟାଣୁଛି ସୁଖର ଜାଲ!!

# କଣ୍ଟାବାଞ୍ଜି: କିଏ ସମ୍ଭାଳିବ ବିଜେଡି ମଙ୍ଗ?

ବଲାଙ୍ଗିର ଜିଲ୍ଲାର ଏକ ପ୍ରମୁଖ ନିର୍ବାଚନମଣ୍ଡଳୀ ହେଉଛି କଣ୍ଟାବାଞ୍ଜି। କଣ୍ଟାବାଞ୍ଜି ଏନଏସି, ତୁରେଇକେଲା, ବଙ୍ଗୋମୁଣ୍ଡା ଏବଂ ମୁରିବାହାଲ ବ୍ଲକକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ ହୋଇଛି। ୨୦୨୪ରେ ଏଠାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଢ଼ିବା ଓ ପରାଜୟ ବରଣ କରିବା ଘଟଣା ବି ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ଏପରିକି ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ବି କଣ୍ଟାବାଞ୍ଜିରୁ ପ୍ରତିନିଧିତ୍ୱ କରିଛନ୍ତି। ଏବେ ନିର୍ବାଚନମଣ୍ଡଳୀର ରାଜନୀତିକ ଦୃଶ୍ୟପଟ୍ଟ ବଦଳିବାରେ ଲାଗିଛି। ଏକଦା ବିଜେଡ଼ି ଓ କଂଗ୍ରେସ ଭିତରେ ଲଢ଼େଇ ହେଉଥିବାବେଳେ ଗତ ନିର୍ବାଚନରେ ବିଜେପି ବାଜିମାତ୍ କରିଛି। କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜାଙ୍କର ନିଜ ଦଳରେ ବେଶ୍ ଦବଦବା ରହିଥିବାବେଳେ ୨୦୨୯ରେ ସେ ପୁଣିଥରେ ଲଢ଼ିବା ନିଶ୍ଚିତ। ସେହିପରି ନବୀନ ବାବୁଙ୍କୁ ହରାଇଥିବାରୁ ଏବେକାର ବିଧାୟକ ଲକ୍ଷ୍ମଣ ବାଗଙ୍କୁ ମଧ୍ୟ ଦଳୀୟ ଟିକେଟ୍ ମିଳିବ। ସେପଟେ ବିଜେଡ଼ିର ଆଗଧାଡ଼ିର ନେତା ଆୟୁବ ଖାନଙ୍କ ପରଲୋକ ପରେ କିଏ ବିଜେଡ଼ିର ମଙ୍ଗ ଧରିବେ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ବିଗତ ଦିନର ରାଜନୀତି ଫଳାଫଳକୁ ଦେଖିଲେ ଅଧିକାଂଶ ସମୟ କ୍ଷମତାରେ ରହିଛନ୍ତି କଂଗ୍ରେସର ସନ୍ତୋଷ ସିଂହ ସାଲୁଜା ଏବଂ ବିଜେଡି ର ହାଜି ମହମ୍ମଦ ଆୟୁବ ଖାନ। ୧୯୯୫ରୁ ୨୦୦୦ ମସିହା ଓ ୨୦୦୦ ମସିହାରୁ ୨୦୦୪ ପର୍ଯ୍ୟନ୍ତ କଂଗ୍ରେସ ଟିକେଟରେ ବିଧାୟକ ହୋଇଥିଲେ ସନ୍ତୋଷ ସିଂହ ସାଲୁଜା। ୨୦୦୪ ସାଧାରଣ ନିର୍ବାଚନରେ ସାଲୁଜାଙ୍କୁ ହରାଇ ନିଜ ଲୋକପ୍ରିୟତାର ପ୍ରମାଣ ସହ ସାଲୁଜାଙ୍କ ବିଜୟଧାରାରେ ବ୍ରେକ ଦେଇଥିଲେ ସ୍ୱାଧୀନ ପ୍ରାର୍ଥୀ ହାଜି ମହମ୍ମଦ ଆୟୁବ ଖାନ। ପରେ ୨୦୦୯ ସାଧାରଣ ନିର୍ବାଚନରେ ବିଜେଡି ଟିକେଟ ପାଇଥିଲେ ମଧ୍ୟ କଂଗ୍ରେସ ପ୍ରାର୍ଥୀ ସାଲୁଜାଙ୍କ ଠାରୁ ୫୩୦୪ ଭୋଟରେ ହାରିଯାଇଥିଲେ ଆୟୁବ। ୨୦୧୪ ସାଧାରଣ ନିର୍ବାଚନରେ ପୁନର୍ବାର ବିଜେଡି ଟିକେଟ ପାଇ



୩୮୬୮ ଭୋଟରେ କଂଗ୍ରେସର ସାଲୁଜାଙ୍କୁ ହରାଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ବେଳକୁ କିନ୍ତୁ ଖେଳ ଓଲଟି ଗଲା। ବଲାଙ୍ଗୀର ରାଜ ପରିବାରର କଟ୍ଟର ବିରୋଧୀ ଭାବେ ଜଣାଶୁଣା ଆୟୁବ ସଂଗଠନ ସହିତ ସବୁ ଯୋଗ୍ୟତା ଥାଇ ମଧ୍ୟ ଟିକେଟ ରେସରେ ପଛରେ ପଡିଗଲେ। ରାତାରାତି ଆମ ଆଦମୀ ପାର୍ଟିରୁ ଆସି ବିଜେଡି ପ୍ରାର୍ଥୀ ହେଲେ ଅଜୟ କୁମାର ଦାସ। ଟିକେଟ କଟିବା ପଛରେ ସେ ବରିଷ୍ଠ ବିଜେଡି ନେତା ଅନଙ୍ଗ ଉଦୟ ସିଂହଦେଓ ଏବଂ କଳିକେଶ ନାରାୟଣ ସିଂହଦେଓଙ୍କୁ ଦାୟୀ କରିଆସୁଥିଲେ। ଏପରିକି ଅନଙ୍ଗ ଏବଂ କଳିକେଶଙ୍କ ନେତୃତ୍ୱକୁ ଆୟୁବ ଗଣମାଧ୍ୟମରେ ଖୋଲାଖୋଲି ଚ୍ୟାଲେଞ୍ଜ କରି ଆସୁଥିଲେ। ୨୦୧୯ରେ ଆୟୁବଙ୍କ ଟିକେଟ କଟିବାରୁ ଭିତିରିଆ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିଥିବାର ଚର୍ଚ୍ଚା ହେଉଥିଲା। ଯେଉଁଥିପାଇଁ ବିଜେପି ପ୍ରାର୍ଥୀ ଲକ୍ଷଣ୍ମ ବାଗଙ୍କ ଠାରୁ ମାତ୍ର ୧୨୮ ଭୋଟରେ ଜିତିଥିଲେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ସିଂହ ସାଲୁଜା। ୨୦୨୪ ସାଧାରଣ ନିର୍ବାଚନରେ ଟିକେଟ ପାଇବେ ବୋଲି ଏକ ରକମର ଆଶା ବାନ୍ଧିଥିଲେବି ଖୋଦ ନବୀନ ପଟ୍ଟନାୟକ କଣ୍ଟାବାଞ୍ଜିରେ ଛିଡା ହୋଇଥିଲେ।

ଗାଏମୋଟ୍ କହିଲେ ଦୀର୍ଘ ଦେଢ଼ ଦଶନ୍ଧି ଧରି ବିଜେଡ଼ି ରାଜନୀତିକୁ ସେ ହାତମୁଠାରେ ରଖିଥିଲେ। ଏବେ ପ୍ରଶ୍ନ ଉଠୁଛି ଆୟୁବଙ୍କ ମୃତ୍ୟୁପରେ କଣ୍ଟାବାଞ୍ଜି ବିଜେଡି ସଂଗଠନକୁ କିଏ ଆଗକୁ ନେବ? କାରଣ ଆୟୁବଙ୍କ ପରିବାରକୁ ଛାଡିଦେଲେ ବିଜେଡି ସଂଗଠନକୁ ଅନ୍ୟ କେହି ଆଗକୁ ନେବାଭଳି ଲାଗୁନାହିଁ।

ସେପଟେ ବାପାଙ୍କୁ ରାଜନୀତିରେ ସହଯୋଗ କରୁଥିବା ଆୟୁବଙ୍କ ବଡପୁଅ ଫିରୋଜ ଖାନଙ୍କର ମଧ୍ୟ ୨୦୨୪ ନିର୍ବାଚନ ପରେ ପରେ ପରଲୋକ ଘଟିଲା। ତେବେ ସମସ୍ତଙ୍କ ମନରେ ଗୋଟିଏ କଥା ବିଜେଡି ସଂଗଠନକୁ ଆଗକୁ ନେବ କିଏ ? ଏହାର ଉତ୍ତର କେବଳ ନବୀନ ବାବୁ ହିଁ ଦେଇପାରିବେ। ଏସବୁ ଭିତରେ ଆଉ ଏକ ରାଜନୀତିକ ଚର୍ଚ୍ଚା ବି ଜୋର୍‌ଧରିଛି। ୨୦୨୯ରେ ବିଜେଡ଼ି ଓ କଂଗ୍ରେସ ମଧ୍ୟରେ ମେଣ୍ଟ ହେବାର ସମ୍ଭାବନା ରହିଛି। ଯଦି ସେମିତି ହୁଏ ତେବେ ସାଲୁଜାଙ୍କର ପ୍ରଭାବ ଥିବାରୁ କଣ୍ଟାବାଞ୍ଜି ଆସନଟି କଂଗ୍ରେସ ଭାଗରେ ପଡ଼ିବ। ଅପରପକ୍ଷରେ କଳିକେଶଙ୍କ ସହ ଆୟୁବଙ୍କ ଟିମର ଭଲ ସମ୍ପର୍କ ନାହିଁ। ଆଜିକା ଦିନରେ ଜିଲ୍ଲା ବିଜେଡ଼ିର ସେ ହେଉଛନ୍ତି ଟାଣୁଆ ନେତା। ଯଦି ସେ କଣ୍ଟାବାଞ୍ଜି ରାଜନୀତିକୁ ହାତମୁଠାରେ ରଖନ୍ତି ତେବେ ଆୟୁବଙ୍କ ସମର୍ଥକମାନେ କାହାର ହେବେ ? ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ଖୁବଶୀଘ୍ର ଏହି ଚିତ୍ର ସ୍ପଷ୍ଟ ହୋଇଯିବ।

# ଧର୍ମେନ୍ଦ୍ର ବାବୁ ! ଆଉ କ'ଣ ମୋଦିଙ୍କ ସହ ରହିବେ ନବୀନ ?

'ନବୀନ ବାବୁ ମୋଦିଙ୍କ ସହ ରୁହନ୍ତୁ ।' କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏହି ମନ୍ତବ୍ୟ ରାଜ୍ୟ ରାଜନୀତିରେ ବେଶ୍ ଆଲୋଡ଼ନ ସୃଷ୍ଟିକରିଛି । ଘଟଣାଟି ଏମିତି । ସମ୍ବଲପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମଞ୍ଚରେ ଥିଲେ ବିଜେଡ଼ି ନେତା ପ୍ରସନ୍ନ ଆଚାର୍ଯ୍ୟ । ଭାଷଣ କାଳରେ ପ୍ରସନ୍ନଙ୍କୁ ଧର୍ମେନ୍ଦ୍ର କହିଥିଲେଯେ, ନବୀନବାବୁ ଇଆଡ଼େ ସିଆଡ଼େ ନହୁଅନ୍ତୁ । ମୋଦିଙ୍କ ସହ ରୁହନ୍ତୁ । ଓଡ଼ିଶାରେ ମହିଳାମାନଙ୍କର ବିକାଶ ହୋଇପାରିବ ।

ହେଲେ ଆଜ୍ଞା, ଆଉ କ'ଣ ମୋଦିଙ୍କ ସହ ନବୀନ ରହିବେ? ମୋଦିଙ୍କ ପାଇଁ ନବୀନ ବାବୁଙ୍କର ଯେତିକି କ୍ଷତି ହୋଇଛି ସେନେଇ ବିଜେଡ଼ି ହିସାବନିକାଶ କରିସାରିଛି । ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ମୋଦି-ନବୀନ ଦି ଭାଇ ଭଳି ଚଲୁଥିଲେ । ଅମିତ୍ ଶାହ ଆସି ନବୀନ ନିବାସରେ ପଖାଳ ବାଡ଼େଇକି ଗଲେ । ହୋଟେଲ ଭିତରେ ଶାହ-ପାଣ୍ଡିଆନ୍ ଦୁଃଖସୁଖ ବି ହେଲେ । ସେପଟେ ଠିକ୍ ନିର୍ବାଚନବେଳେ ମେଣ୍ଟ ଥୋପ ବି ପକାଇଦେଲେ । ବାସ୍ ସେଇ ମେଣ୍ଟ ଥୋପ ଗିଳି ନବୀନ ପଟ୍ଟନାୟକ, ଭିକେ ପାଣ୍ଡିଆନ୍ ଓ ପ୍ରଣବ ପ୍ରକାଶ ଦାସ ଥେଇଥେଇ ହୋଇ ନାଚିଲେ । କାହିଁକିନା ବିଜେପି ହିଁ ଥିଲା ବିଜେଡ଼ି ବାଟରେ କଣ୍ଟା । ଯଦି ବିଜେଡ଼ି-ବିଜେପି ମିଶିଯାଆନ୍ତି ତେବେ ନବୀନ ବାବୁ ମୁଖ୍ୟମନ୍ତ୍ରୀ ହେବେ ଆଉ ବବି-ପାଣ୍ଡିଆନ୍ଙ୍କ ପାୱାର ବି ଅତୁଟ ରହିବ । ମୋଦି-ଶାହା ଏମିତି ଟ୍ରିକ୍ସ କରି ବିଜେଡ଼ିକୁ ଫସାଇ ଦେଇଥିଲେ । ଚବିଶର ଫଳାଫଳ ଯାହାହେବା କଥା ସେଇଆ ହିଁ ହେଲା । ନିର୍ବାଚନ ପରେ ବି ନବୀନ ବାବୁଙ୍କର ମୋଦି ପ୍ରେମ ଯାଇନଥିଲା । ପାଣ୍ଡିଆନ୍ ବି ଦିଲ୍ଲୀରେ ସେଟିଂ ଜାରି ରଖିଥିଲେ । ପ୍ରାୟ ବର୍ଷେକାଳ ନବୀନ ବାବୁ ନୀରବ ରହିଲେ । ମଝିରେ ମଝିରେ ମୋହନ ମାଝୀଙ୍କ ଉଦ୍ଦେଶ୍ୟରେ ପଛେ ଦି ଧାଡ଼ି କହନ୍ତି, କିନ୍ତୁ ମୋଦି କି କେନ୍ଦ୍ର ସରକାରଙ୍କ ବିଷୟରେ ପଦୁଟିଏ କହୁନଥିଲେ । କିନ୍ତୁ ନବୀନଙ୍କ ନୀରବତା ଦଳର ନେତା ଓ କର୍ମୀଙ୍କୁ



ଦ୍ୱନ୍ଦ୍ୱରେ ପକାଇଦେଲା । ଧିରେଧିରେ ବିଜେଡ଼ିର ସରପଞ୍ଚ, ସମିତିସଭ୍ୟ, ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ, କାଉନସିଲର ଓ ନିର୍ବାଚନମଣ୍ଡଳୀରେ ଥିବା ଦ୍ୱିତୀୟ ଧାଡ଼ିର ନେତା ଜଣଙ୍କ ପରେ ଜଣେ ଶଙ୍ଖଭବନରୁ ସିଧା ପଦ୍ମପୋଖରୀକୁ ଡେଇଁବା ଆରମ୍ଭ କଲେ । ସେତେବେଳେ ଯାଇ ନବୀନ ବାବୁଙ୍କର ଚେତା ପଶିଲା । ଏବେ ସେ ନିଜେ ବିଜେପି ବିରୋଧୀ କମାଣ ସଜାଡ଼ିଛନ୍ତି । ବିଜେପି ସାଙ୍ଗରେ ଭାବ ରଖି ରାମ୍ପୁଡ଼ା ଖାଇବା ପରେ ଆଉ ନବୀନ ବାବୁ ମୋଦିଙ୍କ ସହ ଯିବା ଭଳି ଲାଗୁନି । ହେଲେ କଂଗ୍ରେସ ନେତା ତାରା ବାହିନୀପତି ସବୁବେଳେ କୁହନ୍ତି, ନବୀନ ବାବୁ ହେଉଛନ୍ତି କାନ୍ଥ ବିରାଡ଼ି । ଯେଉଁପଟକୁ ଲାଭ, ଠିକ୍ ସେଇପଟକୁ ଡେଇଁବା ତାଙ୍କର ଲକ୍ଷଣ । ଦେଖାଯାଉ, ନବୀନ ବାବୁ ମୋଦିଙ୍କ ସାଙ୍ଗରେ ଯାଉଛନ୍ତି ନା ରାହୁଲଙ୍କ ସାଙ୍ଗରେ... ।

**ଝାରସୁଗୁଡ଼ାରେ ବିଜେପି କଳି**

# ସୁରେଶ ବନାମ ଟଙ୍କଧର

ଝାରସୁଗୁଡ଼ାରେ ଏବେ ବିଜେପି କଳି ଜୋର୍ ଧରିବାରେ ଲାଗିଛି । ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି । ସୁରେଶ ଏନେଇ କିଛି ପ୍ରତିକ୍ରିୟା ଦେଉନଥିବାବେଳେ ଟଙ୍କଧରଙ୍କ ମନ୍ତବ୍ୟରୁ ବିବାଦ ବେଶ୍ ସ୍ପଷ୍ଟ ଭାବେ ବାରିହେଉଛି ।





ଏକଦା ଝାରସୁଗୁଡ଼ା ଥିଲା କଂଗ୍ରେସର ଦୁର୍ଗ । ନବ କିଶୋର ଦାସ ଝାରସୁଗୁଡ଼ା ଜଗିଥିବାବେଳେ ବ୍ରଜରାଜନଗର ଜଗିଥିଲେ ଅନୁପ ସାଏ । କିନ୍ତୁ ପରିବର୍ତ୍ତିତ ରାଜନୀତିକ ସ୍ଥିତିରେ ଉଭୟ ନେତା ଆଗ ପଛ ହୋଇ ବିଜୁ ଜନତା ଦଳକୁ ଆସିଥିଲେ । ଅପରାଧିକ ମାମଲାରେ ଛନ୍ଦି ହୋଇ ଅନୁପ ରାଜନୀତିରୁ ହଜି ଯାଇଥିଲେ । ପରେ ଝାରସୁଗୁଡ଼ା ରାଜନୀତିରେ ନବ ଦାସ ଓ କିଶୋର ମହାନ୍ତି ବିଜେଡ଼ିକୁ ମଜବୁତ୍ କରିଥିଲେ । କିନ୍ତୁ ଦୁଇ ନେତାଙ୍କ ଅକାଳ ବିୟୋଗ ପରେ ଏବେ ଝାରସୁଗୁଡ଼ା ଜିଲ୍ଲାରେ ବିଜେପିର ରାଜ୍ ଆରମ୍ଭ ହୋଇଯାଇଛି । ବହୁବର୍ଷ ହାରିବା ପରେ ବ୍ରଜରାଜନଗରରୁ ବିଧାୟକ ହୋଇ ସୁରେଶ ଏବେ ରାଜସ୍ୱ ମନ୍ତ୍ରୀ ଅଛନ୍ତି । ସେପଟେ ଟଙ୍କଧର ପ୍ରଥମ ଥର ଜିଣି ଝାରସୁଗୁଡ଼ା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ରହିଛନ୍ତି । ନିକଟରେ ଜିଲ୍ଲାର ଉଚ୍ଚସ୍ତରୀୟ ବୈଠକକୁ ମନ୍ତ୍ରୀ ଓ ସାଂସଦ କେହିନଆସି ପ୍ରତିନିଧି ପଠାଇଥିବାରୁ ସେ କ୍ଷୁବ୍ଧ ହୋଇଥିଲେ । ଏମିତିକି ପ୍ରଶାସନିକ ଅଧିକାରୀ ବି ନିଜର ପ୍ରତିନିଧି ପଠାଇଥିଲେ । ଯାହାକୁ ନେଇ ଟଙ୍କଧର ନେତା ଓ ପ୍ରଶାସକଙ୍କ ଉପରେ ବର୍ଷିଥିଲେ । ସେହିପରି ମାଟ୍ରିକ୍-୨୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କାଳରେ ଟଙ୍କଧର ଦେଇଥିବା ମନ୍ତବ୍ୟକୁ ନେଇ ବେଶ୍ ଚର୍ଚ୍ଚା ହେଉଛି । ସେହି ଉତ୍ସବରେ ସୁରେଶ ପୂଜାରୀ ଭର୍ଚୁଆଲ ମୋଡ଼ରେ ସାମିଲ୍ ହୋଇଥିଲେ । ତେବେ ସେ ନିଜର ବକ୍ତବ୍ୟ ରଖିସାରିବା ପରେ ଆଭାସୀରୁ ଓହରି ଯାଇଥିଲେ । ଟଙ୍କଧରଙ୍କ ପାଳି ଆସିବା ପରେ ନାଁ ନନେଇ ସେ ସୁରେଶଙ୍କୁ ଟାର୍ଗେଟ୍ କରିଥିଲେ । କାର୍ଯ୍ୟକ୍ରମର ଅଧାରୁ ଯିବା କାର୍ଯ୍ୟକ୍ରମ ପ୍ରତି ଅବମାନନା । ଦେହ ଅସୁସ୍ଥତା ଯୋଗୁଁ କାର୍ଯ୍ୟକ୍ରମରେ ସାମିଲ୍ ନହୋଇପାରିବାରେ କିଛି ଅସୁବିଧା ନାହିଁ । ହେଲେ ବେସରକାରୀ କମ୍ପାନୀର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରୁଥିବାବେଳେ ସରକାରୀ କାର୍ଯ୍ୟକୁ ଆସିପାରୁନାହାନ୍ତି । ଆମେ ଏଠି ସଚିବଙ୍କ ଭାଷଣ ଶୁଣିବାକୁ ଆସିନୁ ବୋଲି ଟଙ୍କଧର କହିଥିଲେ । ସେତିକିରେ ବି ସେ ଅଟକିନଥିଲେ । ମୁଁ ବଡ଼ ପଦବୀରେ ଅଛି । ସିଷ୍ଟମ ମୋ ହିସାବରେ ଚାଲିବ ବୋଲି ଅହଙ୍କାର କଲେ ଭଗବାନ ବି ବରଦାସ୍ତ କରିପାରିବେ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ । ଟଙ୍କଧର ଓ ସୁରେଶଙ୍କ କଳି ଜାରିରହିଲେ ଜିଲ୍ଲାରେ ବିଜେପି ସଂଗଠନ ନିଶ୍ଚିତ ଭାବେ ପ୍ରଭାବିତ ହେବ ବୋଲି ରାଜନୀତିକ ସମୀକ୍ଷକମାନେ ମତପୋଷଣ କରୁଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଲଞ୍ଚ ବକ୍ସ



ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ଏବେ ଲଞ୍ଚ ବକ୍ସକୁ ନେଇ ଚର୍ଚ୍ଚାରେ ରହିଛନ୍ତି । ରିଲ୍ ଲାଇଫ୍ ଭଳି ସେ ଏବେ ରିଅଲ ଲାଇଫ୍ ହିରୋ ହେବାକୁ ଚାହୁଁଛନ୍ତି । ବହୁ ଛକାପଞ୍ଝା ଭିତରେ ମୁଖ୍ୟମନ୍ତ୍ରୀ ହେବାପରେ ଆକ୍ସନ ମୋଡ୍‌କୁ ଆସି ଯାଇଛନ୍ତି ବିଜୟ । ନିକଟରେ ମଦ ଦୋକାନ ହଟାଇବା ହେଉ କି ୨ ଶହ ୟୁନିଟ୍ ବିଜୁଳି ଛାଡ଼ ଅବା ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ ସେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଏସବୁ ଭିତରେ ବିଜୟଙ୍କ କାର୍ଯ୍ୟଶୈଳୀକୁ ନେଇ ତାମିଲନାଡୁର ଯୁବପୀଢ଼ିଙ୍କ ମହଲରେ ଚର୍ଚ୍ଚା ସୃଷ୍ଟିହୋଇଛି । ସକାଳ ୧୦ଟାରୁ ୪ଟା ପର୍ଯ୍ୟନ୍ତ ସେ ସଚିବାଳୟରେ ରହୁଛନ୍ତି । ସାଧାରଣ କର୍ମଚାରୀଙ୍କ ଭଳି ସେ ଲଞ୍ଚ ବକ୍ସ ସାଙ୍ଗରେ ନେବା ସହ ଅଫିସରେ ହିଁ ଲଞ୍ଚ କରୁଛନ୍ତି । ଯାହାର ଫଟୋ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେଉଛି । ସଚିବାଳୟର କର୍ମଚାରୀବି ନୂଆ ମୁଖ୍ୟମନ୍ତ୍ରୀଙ୍କ ଆଦବକାଇଦାକୁ ପ୍ରଶଂସା କରିବାରେ ଲାଗି ପଡ଼ିଲେଣି । ସେହିପରି ପାରମ୍ପରିକ ରାଜନୀତିକ ପୋଷାକକୁ ଛାଡ଼ି ସେ ଯୁବବର୍ଗଙ୍କ ପସନ୍ଦର ପୋଷାକ ବି ପିନ୍ଧୁଛନ୍ତି । ଆଗକୁ ସେ କର୍ପୋରେଟ ଷ୍ଟାଇଲରେ ସଚିବାଳୟ ଚଳାଇବାକୁ ଯୋଜନା କରିଛନ୍ତି । ପ୍ରତିଦିନ ଅଫିସରମାନେ ଏଜେଣ୍ଡା ପ୍ରସ୍ତୁତ କରିବେ ଓ ସେହି ଅନୁସାରେ କାମ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH

Bureau Head: BHABANI PRASAD DAS